ଧରିତ୍ରୀ
DHARITRI

July 7-13, 2024 ₹ 2/-

ଧରିତ୍ରୀ DHARITRI 50 Years

# ଛୁଟିଦିନ



ପ୍ରଚ୍ଛଦ ପ୍ରସଙ୍ଗ

୩

# ଦାରୁ ସ୍ଥଳୀରେ..

ମହାପ୍ରଭୁ ଶ୍ରୀଜଗନ୍ନାଥ । ଦାରୁରେ ଗଢ଼ା ସେ ଦିଅଁ । ପୁଣି ତାଙ୍କର ହୁଏ ନବକଳେବର। କାହିଁ କେଉଁ କାଳରୁ ଚାଲିଆସିଛି ଏ ଅନନ୍ୟ ପରମ୍ପରା । ଚଳିତ ଶତାବ୍ଦୀର ପ୍ରଥମ ନବକଳେବର ଲୀଳା ୨୦୧୫ମସିହାରେ ସମାହିତ ହୋଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କ ଲାଗି ଦାରୁ ସଂଗୃହୀତ ସ୍ଥାନର ସାମ୍ପ୍ରତିକ ସ୍ଥିତିକୁ ନେଇ ଆଲେଖ୍ୟ...

# ଫିଟ୍‌କିରି ବି ଦୂର କରେ ବାସ୍ତୁ ଦୋଷ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରୁ ନକାରାତ୍ମକ ଉର୍ଜା ନଷ୍ଟ କରି ସକାରାତ୍ମକ ଉର୍ଜାକୁ ବଢ଼ାଇବାରେ ଫିଟ୍‌କିରିର ମଧ୍ୟ ରହିଥାଏ ଅନେକ ମହତ୍ତ୍ୱପୂର୍ଣ୍ଣ ଭୂମିକା...**

* ବାସ୍ତୁଶାସ୍ତ୍ର ଅନୁଯାୟୀ, ଖଣ୍ଡେ ଫିଟ୍‌କିରିକୁ କଳା କପଡ଼ାରେ ଗୁଡ଼ାଇ ତାହାକୁ ମୁଖ୍ୟଦ୍ୱାର ଉପରେ ବାନ୍ଧି ଦେଲେ ଘରକୁ କୌଣସି ନକାରାତ୍ମକ ଉର୍ଜା ସହଜରେ ପ୍ରବେଶ କରିପାରେନା ବୋଲି ବିଶ୍ୱାସ କରାଯାଏ।



* ଦୀପରେ ସୋରିଷ ତେଲ ଓ ଖଣ୍ଡେ ଫିଟ୍‌କିରି ପକାଇ ତାହାକୁ ଜାଳିବେ। ଆଉ ସେହି ଦୀପକୁ ପ୍ରତି ଘରେ ବୁଲାଇବେ। ଏହା ନକାରାତ୍ମକ ଉର୍ଜାକୁ ନଷ୍ଟ କରି ଘରେ ସକାରାତ୍ମକ ଉର୍ଜା ବଢ଼ାଇଥାଏ।
* ଫିଟ୍‌କିରିକୁ ଗୁଣ୍ଡ କରି ସେହି ଗୁଣ୍ଡକୁ ଘରର ସବୁ କୋଣ ତଥା କବାଟ, ଝରକାର ସନ୍ଧିରେ ପକାଇଲେ ବି ଘରୁ ନକାରାତ୍ମକ ଉର୍ଜା ନଷ୍ଟ ହୋଇଥାଏ।
* ରାତିରେ ପାଣି ବାଲ୍‌ଟିରେ ଖଣ୍ଡେ ଫିଟ୍‌କିରି ପକାଇ ତା'ପରଦିନ ସକାଳେ ସେହି ପାଣିରେ ଘର ପୋଛିଲେ ବି ଘରକୁ ସୌଭାଗ୍ୟ ଆସିଥାଏ ବୋଲି ବିଶ୍ୱାସ ରହିଛି।
* ନାଲି କପଡ଼ାରେ ଖଣ୍ଡେ ଫିଟ୍‌କିରି ରଖି ତାହାକୁ ପର୍ସ କିମ୍ବା ଟ୍ରେଜେରିରେ ରଖିଲେ ଆର୍ଥିକାବସ୍ଥା ସୁଧୁରିଥାଏ ବୋଲି ମାନ୍ୟତା ଅଛି।
* ଖରାପ ସ୍ୱପ୍ନ ଆସୁଥିଲେ ଶୋଇବା ସମୟରେ ମୁଣ୍ଡ ପାଖରେ ଖଣ୍ଡେ ଫିଟ୍‌କିରିକୁ କନାରେ ଗୁଡ଼ାଇ ରଖିଲେ ଏ ସମସ୍ୟାରୁ ମୁକ୍ତି ମିଳେ।
* ଏହାଛଡ଼ା ପ୍ରତି ରୁମ୍‌ର ଉତ୍ତର ପାର୍ଶ୍ୱରେ ଖଣ୍ଡେ ଲେଖାଏଁ ଫିଟ୍‌କିରି ରଖିଲେ ବାସ୍ତୁଦୋଷ ଦୂର ହୁଏ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୭-୧୩

**ମେଷ**

ଯାତ୍ରା ଶୁଭପ୍ରଦ ହେବ, ଆଶା ପୂରଣ ହେବ, କାମରେ ସଫଳତା, ଅନ୍ୟକୁ ଆପଣାର କରିବେ, ହଇରାଣରେ ପଡ଼ିପାରନ୍ତି, ବନ୍ଧୁଙ୍କଅଭିଯୋଗ, ବ୍ୟବସାୟିକ ଉତ୍କର୍ଷତା, ଦୁଃସାହସିକ ପଦକ୍ଷେପ, ଦୁଶ୍ଚିନ୍ତା କମିବ, ଶୁଭଖବର ପାଇବେ ॥

**ବୃଷ**

ଆନୁଷ୍ଠାନିକ କର୍ମାରମ୍ଭ, କର୍ମାରମ୍ଭରୁ ବିରୋଧ, ଆଇନ ସହାୟତାପ୍ରାପ୍ତି, ବିବାଦର ଅବସାନ, ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ, ଯୋଜନା ବିଗିଡ଼ି ପାରେ, ଟେନସନ୍ କମିଯିବ, ଆର୍ଥିକ ଦୁରବସ୍ଥା, ଯାନବାହନରେ ତ୍ରୁଟି ॥

**ମିଥୁନ**

ବିବାଦର ଅବସାନ, ବିଭିନ୍ନସୂତ୍ରରୁ ରୋଜଗାର, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଭାଇଙ୍କ କାର୍ଯ୍ୟରେ ଅସନ୍ତୋଷ, ଭ୍ରମଣ ଉପଭୋଗ୍ୟ ହେବ, ଟେନସନ୍ କମିଯିବ, ଯୋଜନା କାର୍ଯ୍ୟକାରୀ ହେବ, ନୂତନସମ୍ପର୍କ ସୃଷ୍ଟି, ଦୂରଯାତ୍ରାର ଯୋଜନା ॥

**କର୍କଟ**

କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ମାନସିକ ଆଶ୍ୱସ୍ତି, ସାହାଯ୍ୟ ସହଯୋଗପ୍ରାପ୍ତି, ଅଭାବ ଦୂରେଇଯିବ, ମାନସିକ ଚାପ ବୃଦ୍ଧି, କ୍ରନିକ୍ ରୋଗରେ ପୀଡ଼ା, ଦୁଃସାହସିକ ପଦକ୍ଷେପ, ପରିବହନରେ ବିବାଦ ॥

**ସିଂହ**

ଶୁଭ ଖବରପ୍ରାପ୍ତି, ବନ୍ଧୁଙ୍କ ପରାମର୍ଶ, ବକେୟା ଅର୍ଥ ଆଦାୟ, ମୂଲ୍ୟବାନ ଦ୍ରବ୍ୟଲାଭ, ସ୍ଥଗିତ କାର୍ଯ୍ୟାରମ୍ଭ, ଭ୍ରମଣସୁଯୋଗ ପାଇବେ, ଦେବଦର୍ଶନର ସୁଯୋଗ, ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ରୀଡ଼ା ଚଳଚ୍ଚିତ୍ରରେ ସମସ୍ୟା ॥

**କନ୍ୟା**

କର୍ମକ୍ଷେତ୍ରରେ ଦ୍ରୁତ ଉନ୍ନତି, ଧନସମ୍ମାନ ପାଇବେ, ଆଶଙ୍କା ଦୂର ହେବ, ଉତ୍ସାହିତ ରହିବେ, ଉଚ୍ଚସ୍ତରରେ ସମ୍ପର୍କ, ଏକାନ୍ତବୋଧ ହ୍ରାସ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ପଡ଼ୋଶୀଙ୍କ ସମାଦର, ଯାନବାହନ ନବୀକରଣ, ଫଳପ୍ରଦ ଆଲୋଚନା, ଋଣମୁକ୍ତ ହେବେ, ସମ୍ପର୍କ ସୁଧୁରି ଯିବ ॥

**ତୁଳା**

କର୍ମଜଞ୍ଜାଳ ବଢ଼ିଯିବ, ଅସ୍ଥିର ରହିପାରନ୍ତି, ଭ୍ରାତୃସମ୍ପର୍କରେ ଉନ୍ନତି, ଜମିଜମା କ୍ରୟବିକ୍ରୟ, ମନ ଭଲ ରହି ନ ପାରେ, ନୂତନମିତ୍ରତା ସୃଷ୍ଟି, ବନ୍ଧୁଙ୍କୁ ଆପ୍ୟାୟିତ କରିବେ, ଖର୍ଚ୍ଚ ବୃଦ୍ଧିରୁ ଦୁଃଶ୍ଚିନ୍ତା, କଳାପ୍ରିୟ ହେବେ, ବ୍ୟବସାୟିକ ଉନ୍ନତି ॥

**ବିଛା**

ଲକ୍ଷ୍ୟହୀନ ଯାତ୍ରା, ନୂତନସ୍ଥାନ ପରିଦର୍ଶନ, ଅସାବଧାନତାରୁ ହଇରାଣ, କରଜ କରିପାରନ୍ତି, ସହାୟତା ପାଇବେ, ଅତିଥିଚର୍ଚ୍ଚାରୁ ଆନନ୍ଦ, କର୍ମ କ୍ଷେତ୍ରରେ ଦ୍ୱନ୍ଦ୍ୱ, ସମସ୍ୟାର ସମାଧାନ, ପାରିବାରିକ ଶାନ୍ତି ॥

**ଧନୁ**

କର୍ମଦକ୍ଷତାରୁ ପ୍ରଶଂସା, ପଦାଧିକାରୀଙ୍କ ପରାମର୍ଶ, ପଦୋନ୍ନତିର ସୂଚନା, ବନ୍ଧୁଙ୍କ ସମାଦର, ଭ୍ରାତୃସମ୍ପର୍କରେ ଉନ୍ନତି, ନିର୍ମାଣ ତ୍ୱରାନ୍ୱିତ ହେବ, ଘଟଣାର ଦିଗ ବଦଳିବ, ଦୈହିକ ଦୁର୍ବଳତା, ଧର୍ମାନୁଷ୍ଠାନର ନେତୃତ୍ୱ ନେବେ ॥

**ମକର**

ଅତୀତ ଘଟଣାର ସମୀକ୍ଷା, ସାମୟିକ ଅସୁସ୍ଥତା, କାମ ସ୍ଥଗିତ ରହିଯିବ, ବନ୍ଧୁ ମତକୁ ଅସ୍ୱୀକାର, ପରିସ୍ଥିତି ବଦଳିଯିବ, ଖର୍ଚ୍ଚାନ୍ତରୁ ମନସ୍ତାପ, ଧାତବଦ୍ରବ୍ୟ ଲାଭ, ଧାରକରଜ କରିବେ, ବକେୟା ଟଙ୍କା ପାଇବେ, ମକଦ୍ଦମାରେ ବିଜୟ, ପ୍ରଶାସନିକ ସଫଳତା ॥

**କୁମ୍ଭ**

ମନ ଆନ୍ଦୋଳିତ ରହିବ, ପାରିବାରିକ ମତାନ୍ତର, ମନ ଉଦାସ ରହିବ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ସୌଖୀନଦ୍ରବ୍ୟ କ୍ରୟ, କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିବ, ଅନୁତାପ କରିପାରନ୍ତି, ନିଜର ଲୋକଙ୍କୁ ସନ୍ଦେହ,ସମସ୍ୟା ସୁଧାରି ନେବେ ॥

**ମୀନ**

ସ୍ଥିରତା ଫେରି ପାଇବେ, ସହକର୍ମୀଙ୍କ ସହଯୋଗ, ଦିନଟି ସ୍ମରଣୀୟ ରହିବ, ତରବରିଆ ପଦକ୍ଷେପ, କର୍ମବାଧା ଦୂର ହେବ, ଚାପର ସମ୍ମୁଖୀନ ହେବେ, ନୂତନକର୍ମାରମ୍ଭ ଯୋଜନା, ରାଜନୈତିକ ପୃଷ୍ଠପୋଷକତା, ବିଦେଶ ଯାତ୍ରାର ସୁଯୋଗ, ନୂତନସମ୍ପର୍କ ସୃଷ୍ଟି, ପରୋକ୍ଷ ଶତ୍ରୁତା ।

# ସୁସ୍ୱାସ୍ଥ୍ୟ ପାଇଁ ଆୟୁର୍ବେଦ

ଆୟୁର୍ବେଦ ଚିକିତ୍ସା ପଦ୍ଧତି କେବଳ କିଛି ରୋଗରୁ ଆମକୁ ଉପଶମ ଦେଇଥାଏ ତାହା ନୁହେଁ, ଏହା ଜୀବନକୁ କେମିତି ଠିକ୍ ଢଙ୍ଗରେ ଜିଇବାକୁ ହୁଏ ସେ ଶିକ୍ଷା ବି ଦେଇଥାଏ। ସୁସ୍ୱାସ୍ଥ୍ୟ ପାଇଁ କ'ଣ ଖାଇବେ, କେତେବେଳେ ଖାଇବେ, ସକାଳଠୁ ନେଇ ରାତିରେ ଶୋଇବା ପର୍ଯ୍ୟନ୍ତ କ'ଣ ସବୁ ଉପଯୋଗୀ କାମ କରିବେ ସେସବୁ କଥା ବି ଆୟୁର୍ବେଦ ଆମକୁ ଶିଖାଇଥାଏ।



ଯେମିତି କି: ଆୟୁର୍ବେଦ କହେ, ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରେ ଉଠି କିଛି ସମୟ ଧ୍ୟାନ ଅବା ଯୋଗ କଲେ ସ୍ୱାସ୍ଥ୍ୟ ଭଲ ରହିଥାଏ। ଦିନରେ ଥରେ ହେଉନା କାହିଁକି ଭୂମିରେ ଚକା ପକାଇ ଭୋଜନ କଲେ ହଜମ ପ୍ରକ୍ରିୟା ଠିକ୍ ରୁହେ ବୋଲି ଆୟୁର୍ବେଦ କୁହେ। ତା'ସହିତ ଖାଇ ସାରିବା ପରେ କିଛି ପାନମଧୁରୀ ଓ ମିଶ୍ରି ଖାଇଲେ ଖାଦ୍ୟ ଭଲରେ ହଜମ ହୋଇଯାଏ। ସେହିପରି ପ୍ରତିଥର ଖାଇ ସାରିବା ପରେ ୧୦୦ ପାଦ ଚାଲିଲେ ବି ଅନେକ ସୁଫଳ ମିଳେ। ତା'ସହିତ ପ୍ରତିଦିନ ୧ ଘଣ୍ଟା ପାଇଁ ସବୁ ଗ୍ୟାଜେଟ୍ସରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରିବେ, ଏହା ବି ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ। ସକାଳର ଆରମ୍ଭ ଅନେକ ଚା, କଫିରୁ କରିଥାନ୍ତି। କିନ୍ତୁ ତାକୁ ନ ପିଇ ସକାଳୁ ଉଷୁମ ପାଣି ଏକ ଗ୍ଲାସ ପିଇବା ଦ୍ୱାରା ସୁଫଳ ମିଳିଥାଏ। ତା'ସହିତ ପ୍ରତିଦିନ କିଛି ସମୟ ପାଇଁ ଶରୀରରେ ତେଲ ମାଲିସ୍ କଲେ ଚର୍ମ ଚିକ୍କଣ ରହିବା ସହ ଥକ୍କାପଣ ଦୂର ହୋଇଥାଏ ବୋଲି ଆୟୁର୍ବେଦ ଚିକିତ୍ସାରେ ଉଲ୍ଲେଖ ରହିଛି।

# ପାଠକୀୟ

* ପ୍ରାଚୁର୍ଯ୍ୟ ଓ ସଫଳତାର ଶୀର୍ଷରେ ରହି ବି ସେମାନେ ପାଇ ନାହାନ୍ତି ସୁଖ। ସେଇ ପ୍ରକୃତ ସୁଖକୁ ଖୋଜିବା ଭିତରେ ସମସ୍ତ ପାର୍ଥିବ ମୋହରୁ ମୁକ୍ତ ହୋଇ ବାଛି ନେଇଛନ୍ତି ସନ୍ନ୍ୟାସର ରାସ୍ତା। ଏଭଳି ଏକ ନିଆରା ଆଲେଖ୍ୟକୁ ନେଇ ପ୍ରସ୍ତୁତ ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ମୋହ ମୁକ୍ତି' ବେଶ୍ ମନଛୁଆଁ ହୋଇଥିଲା। 'ସମ୍ପତ୍ତି ବଢ଼ାଇବାକୁ ଚାହୁଁଥିଲେ','ଆକ୍ୱାରିୟମ୍ ରଖୁଥିଲେ' ଆଦି ପାଠରୁ ବହୁ ଅଜଣା କଥା ଜାଣିବାକୁ ମିଳିଲା।

**– ପ୍ରଭାବତୀ ସୁବୁଦ୍ଧି, ଫୁଲନଖରା, କଟକ**

* ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ ସ୍ଥାନ ପାଇଥିବା 'ମୋହ ମୁକ୍ତି' ଶୀର୍ଷକ ଆଲେଖ୍ୟଟି ବେଶ୍ ନିଆରା ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ସାହିତ୍ୟିକ ଲିଙ୍ଗରାଜ ରଥଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଶେଷ ସନ୍ତକ' ଶୀର୍ଷକ ଗପଟି ମନ କିଣି ନେଲା। ସିନେମା ପୃଷ୍ଠାଟି ବି ବେଶ୍ ଆକର୍ଷଣୀୟ ଲାଗୁଥିଲା।

**– ଜଗବନ୍ଧୁ ମାଝି, ବମିଖାଲ, ରସୁଲଗଡ଼**

* ସାହିତ୍ୟିକ ସୁଚିତ୍ରା ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତର ରୋମାଣ୍ଟିକ୍‌ଭରା ଲାଗୁଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ବାର୍ଡକେଜ୍ ଡେକୋରେଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ବିଦିଶା ବେଶ୍ ସୁନ୍ଦରୀ ଲାଗୁଥିଲେ।

**– ପୁଷ୍ପାଞ୍ଜଳି ଧଳ, ମୟୂରଭଞ୍ଜ**

* ସହରଠୁ ଦୂର ପୃଷ୍ଠାରୁ 'ଫୁକତାଲ ମଠ'ସମ୍ପର୍କରେ ବହୁ ଅଜଣା ତଥ୍ୟ ଜାଣିହେଲା। ବିବିଧା ପୃଷ୍ଠାରୁ 'ସାଣ୍ଡୱିଚ୍'ର ଇତିହାସ ସମ୍ପର୍କରେ ବି ଅନେକ କଥା ଜାଣି ଖୁସି ଲାଗିଲା। ସପୁରିର ଦାମ୍ ୩୩,୦୦୦ଟଙ୍କା ଶୀର୍ଷକ ପାଠଟି ବେଶ୍ ନିଆରା ଥିଲା। ବ୍ୟଙ୍ଗ ପୃଷ୍ଠାରୁ 'ଆନିଭର୍ସରି ହଟହଟା' ଶୀର୍ଷକ ପାଠଟିରୁ କିଛିଟା ନୂଆ ଶିକ୍ଷା ମିଳିଲା।

**– ସୁକାନ୍ତ ମହାନ୍ତି, ସମ୍ବଲପୁର**

* ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଶୁଣ୍ଢରେ ଠିଆ ହୋଇଛି ହାତୀ', 'କଖାରୁରେ ରୂପଚର୍ଯ୍ୟା', 'ଚପ୍‌ଷ୍ଟିକ୍‌ରେ କ୍ୟାଚ୍' ଶୀର୍ଷକ ପାଠଗୁଡ଼ିକ ଯେମିତି ନିଆରା ସେମିତି ଆଶ୍ଚର୍ଯ୍ୟକର ବି ଥିଲା। ଅନ୍ୟପକ୍ଷେ ସିନେମା ପୃଷ୍ଠାରେ ସ୍ଥାନିତ ରଶ୍ମିକା ମନ୍ଦାନାଙ୍କ ଫଟୋ ଖୁବ୍ ସୁନ୍ଦର ଲାଗୁଥିଲା।

**– ଶ୍ରୀମୟୀ ସାହୁ, ଅନୁଗୋଳ**

* ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ, ଗପ ବିଭାଗ ଓ ବ୍ୟଙ୍ଗ ପଢ଼ିବା ମୋର ଖୁବ୍ ପ୍ରିୟ। ସିନେମା ପାଠ ବି ଭଲଲାଗେ। ସେଥିପାଇଁ ରବିବାର ଦିନ ଛୁଟିଦିନ ପାଇବା ମାତ୍ରେ ଆଗେ ଏହାକୁ ପଢ଼ିବସେ।

**– ସ୍ୱପ୍ନା ବିଶୋୟୀ, କୋରାପୁଟ**




## ବିଶେଷ ଚିଠି

ମୋହ ମୁକ୍ତି ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ଭାରି ନିଆରା
ମନେ ଭରିଲା ଅପୂର୍ବ ଆନନ୍ଦ।
ବିବିଧା, ବ୍ୟାକ୍‌ପେଜ୍‌ର ଲେଖା ବି
ଲାଗୁଥିଲା ଆଶ୍ଚର୍ଯ୍ୟକର,
ତା'ସାଙ୍ଗକୁ ପୁଣି ସିନେମା ପୃଷ୍ଠା
ମନ କିଣିନେଲା ମୋର।
ସାଥୀ, ସହର, ପ୍ରଥମ ରୋଜଗାର
ତା'ସାଙ୍ଗକୁ ପୁଣି ଥିଲା ଗପ, କବିତା ସମ୍ଭାର,
ସତରେ ଛୁଟିଦିନ
ତୁମ ସାଙ୍ଗେ ପୁଣି ତୁଳନା କାହାର।

**– ଆୟୁଷ୍ମିତା ମିଶ୍ର, ସାତଶଙ୍ଖ, ପୁରୀ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଦାରୁ ସ୍ଥଳୀରେ..



ଶ୍ରୀସୁଦର୍ଶନ ଦାରୁ

**ମହାପ୍ରଭୁ ଶ୍ରୀଜଗନ୍ନାଥ। ମାନବୀୟ ଲୀଳାର ଅପୂର୍ବ ପରିପ୍ରକାଶ। ଦାରୁରେ ଗଢ଼ା ସେ ଦିଅଁ। ପୁଣି ତାଙ୍କର ହୁଏ ନବକଳେବର। କାହିଁ କେଉଁ କାଳରୁ ଚାଲିଆସିଛି ଏ ଅନନ୍ୟ ପରମ୍ପରା। ଚଳିତ ଶତାବ୍ଦୀର ପ୍ରଥମ ନବକଳେବର ଲୀଳା ୨୦୧୫ ମସିହାରେ ସମାହିତ ହୋଇଥିଲା। ଶ୍ରୀସୁଦର୍ଶନ, ବଡ଼ଠାକୁର ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁ ଯଥାକ୍ରମେ ଗଡ଼କଣ୍ଟୁଣିଆ(ଖୋର୍ଦ୍ଧା ଜିଲା), ଝଙ୍କଡ଼ ଶାରଳାପୀଠ, ଅଡଙ୍ଗଗଡ଼ ଓ ଖରିପଡ଼ିଆ(ଜଗତ୍‌ସିଂହପୁର ଜିଲା)ରୁ ସଂଗୃହୀତ ହୋଇଥିଲା। ଇତିମଧ୍ୟରେ ୯ବର୍ଷ ଟପିବାକୁ ବସିଲାଣି ତେବେ ଉପରୋକ୍ତ ଦାରୁ ସଂଗୃହୀତ ସ୍ଥାନର ସାମ୍ପ୍ରତିକ ସ୍ଥିତିକୁ ନେଇ ଆଲୋକପାତ ...**


ମହାପ୍ରଭୁ ଶ୍ରୀଜଗନ୍ନାଥ। ପୂର୍ଣ୍ଣବ୍ରହ୍ମ ରୂପେ ପ୍ରତିଭାତ। ଅପାର୍ଥିବ ତାଙ୍କ ଲୀଳା। ସେହି ଲୀଳା ସମୂହ ମଧ୍ୟରୁ ଅନ୍ୟତମ ନବକଳେବର। ଏହି ଲୀଳାରେ ଦାରୁଦିଅଁଙ୍କ କଳେବରର ହୁଏ ପରିବର୍ତ୍ତନ। ଅର୍ଥାତ୍ ଦାରୁବିଗ୍ରହ ନୂଆ ରୂପରେ ହୁଅନ୍ତି ନିର୍ମିତ। ବ୍ରହ୍ମ ପୁରାତନ ଦାରୁବିଗ୍ରହରୁ ଆସି ନବନିର୍ମିତ ଦାରୁରେ ସଂସ୍ଥାପିତ ହୁଅନ୍ତି। ଏହା ହିଁ ଦାରୁରୂପୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବକଳେବର ଲୀଳା। ବନଯାଗ ଆରମ୍ଭରୁ ଦାରୁ ଅନ୍ୱେଷଣ, ଦାରୁ ଚିହ୍ନଟ, ଦାରୁ ଛେଦନ, ଦାରୁ ଆନୟନ, ଦାରୁମୂର୍ତ୍ତି ନିର୍ମାଣ ଇତ୍ୟାଦି ବିବିଧ କାର୍ଯ୍ୟ ଭକ୍ତଜନମାନସକୁ କରିଥାଏ ଭାବମୟ। ଅପରପକ୍ଷରେ ଦାରୁ ଆସିଥିବା ସ୍ଥଳୀ ପାଲଟିଯାଏ ସ୍ମୃତିତୀର୍ଥ। କାହିଁ କେଉଁ ଆବହମାନ କାଳରୁ ଚାଲିଆସିଛି ମହାପ୍ରଭୁଙ୍କ ଏହି ଦିବ୍ୟଲୀଳା। ଚଳିତ ଶତାବ୍ଦୀର ପ୍ରଥମ ନବକଳେବର ଲୀଳା ୨୦୧୫ମସିହାରେ ସମାହିତ ହୋଇଥିଲା। ଶ୍ରୀସୁଦର୍ଶନ, ବଡ଼ଠାକୁର ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁ ଯଥାକ୍ରମେ ଗଡ଼କଣ୍ଟୁଣିଆ(ଖୋର୍ଦ୍ଧା ଜିଲା), ଝଙ୍କଡ଼ ଶାରଳାପୀଠ, ଅଡ଼ଙ୍ଗଗଡ଼ ଓ ଖରିପଡ଼ିଆ (ଜଗତ୍‌ସିଂହପୁର ଜିଲା)ରୁ ସଂଗୃହୀତ ହୋଇଥିଲା। ଇତିମଧ୍ୟରେ୯ବର୍ଷ ବିତିବାକୁ ବସିଲାଣି। ତେବେ ଉପରୋକ୍ତ ଦାରୁ ସଂଗୃହୀତ ସ୍ଥାନର ସାମ୍ପ୍ରତିକ ସ୍ଥିତି ଏବେ କେମିତି ଅଛି ସେ ସମ୍ପର୍କରେ...

## ୫୫ଫୁଟ୍ ଉଚ୍ଚର ମନ୍ଦିର ନିର୍ମାଣ ଚାଲିଛି (ଶ୍ରୀସୁଦର୍ଶନଙ୍କ ଦାରୁସ୍ଥଳୀ)

ଯେଉଁବର୍ଷ ଯୋଡ଼ା ଆଷାଢ଼ ପଡ଼େ ସେହି ବର୍ଷ ହିଁ ଶ୍ରୀବିଗ୍ରହଙ୍କ ନବକଳେବର ହୁଏ। ପ୍ରକୃତପକ୍ଷେ ଶୁଦ୍ଧ ଆଷାଢ଼ କୃଷ୍ଣପକ୍ଷ ୧୫ ଦିନ ସହ ମଳ ଆଷାଢ଼ ମାସର ୩୦ ଦିନ ମିଶି ମୋଟ ୪୫ ଦିନ ମହାପ୍ରଭୁ ଅଣସରରେ ରହନ୍ତି। ଏହାକୁ ମହାଅଣସର କୁହାଯାଏ । ନବକଳେବର ପ୍ରକ୍ରିୟା ପାଇଁ ଏହି ୪୫ ଦିନର ଦୀର୍ଘ ଅବଧି ସାହାଯ୍ୟ କରିଥାଏ। ଏହି କ୍ରମରେ ଚଳିତ ଶତାବ୍ଦୀର ପ୍ରଥମ ନବକଳେବର ସମ୍ପାଦିତ ହୁଏ ୨୦୧୫ ମସିହାରେ। ବନଜାଗ ବିଧିରେ ନିୟମ ଅନୁଯାୟୀ ପ୍ରଥମେ ଶ୍ରୀସୁଦର୍ଶନଙ୍କ ଦାରୁ ଅନ୍ୱେଷଣ କରାଯାଏ। ସେହିବର୍ଷ ଏପ୍ରିଲ ୧୩ତାରିଖ ବୈଶାଖ ନବମୀ ତିଥିରେ ଖୋର୍ଦ୍ଧା ଜିଲାର ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଭାର୍ଗବୀ ନଦୀକୂଳସ୍ଥ ଗଡ଼କଣ୍ଟୁଣିଆଠାରେ ଥିବା ଏକ ବିରାଟ ନିମଗଛକୁ ଶ୍ରୀସୁଦର୍ଶନଙ୍କ ଦାରୁ ଭାବେ ଚିହ୍ନଟ କରାଯାଏ। ପୁରୀ ଶ୍ରୀମନ୍ଦିରରୁ ଆସିଥିବା ସେବକମାନେ ଚିହ୍ନଟ କରିବା ପରେ ଏହି ସ୍ଥାନ ଭକ୍ତମୟ ହୋଇଉଠିଥିଲା। ଦାରୁ ଛେଦନ ପରେ ଆବଶ୍ୟକ ଦାରୁ ଶ୍ରୀମନ୍ଦିରକୁ ଶଗଡ଼ିରେ ଯାଇଥିଲା। ତେବେ ସେହି ବର୍ଷ ରଥଯାତ୍ରା ପରେ ଏଠାରେ ଶ୍ରୀ ଶ୍ରୀ ପରମ୍ବ୍ରହ୍ମ ଜଗନ୍ନାଥ ଟ୍ରଷ୍ଟ ଗଠନ କରାଗଲା। ଅଶୋକ ସାହୁ, ରାଧାନାଥ ଭଉଳ ଓ କେଲୁ ଚରଣ ସାହୁ ଦେଢ଼ ଏକର ଜମି ଟ୍ରଷ୍ଟକୁ ଦାନ କରନ୍ତି। ଟ୍ରଷ୍ଟରେ ଆଜୀବନ ଟ୍ରଷ୍ଟି ଭାବେ ଏହି ୩ ଜଣ ରୁହନ୍ତି। ଏଥିସହିତ ସ୍ଥାନୀୟ ଅଞ୍ଚଳର ୧୧ଜଣ ସଦସ୍ୟ ଏବଂ ୭ଜଣ ନିମନ୍ତ୍ରିତ ସଦସ୍ୟ ଭାବେ ରହିଛନ୍ତି। ୨୦୧୮ ମସିହାରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପକ୍ଷରୁ ଅନୁଦାନ ସ୍ୱରୂପ ୫ଲକ୍ଷ ଟଙ୍କା ମିଳେ। ଖଣ୍ଡପଡ଼ାର ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ମନ୍ଦିର ତିଆରି ଲାଗି ନକ୍ସା ପ୍ରସ୍ତୁତ କରନ୍ତି। ୫୫ ଫୁଟ୍ ଉଚ୍ଚତାବିଶିଷ୍ଟ ମନ୍ଦିର ଲାଗି ପରିକଳ୍ପନା କରାଯାଇ ୧କୋଟି ୮୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଏ। ୩ହଜାର ବର୍ଗଫୁଟ୍ ପରିମିତ ସ୍ଥାନରେ ମନ୍ଦିର ସହ ଯୋଗ ଘର, ପୁରାଣ ମଣ୍ଡପ, ଲାଇବ୍ରେରୀ ଓ ଶିଶୁ ଉଦ୍ୟାନର ପରିକଳ୍ପନା ରହିଛି। ଓଡ଼ଗାଁର ଶିଳ୍ପୀ ସୁଶାନ୍ତ ମହାରଣାଙ୍କ ନେତୃତ୍ୱରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ। ଅନୁଦାନ ଅର୍ଥ ପ୍ରାୟ ୬୦ ଲକ୍ଷ ଟଙ୍କା ବ୍ୟୟ ହେବାପରେ ଚଳିତ ବର୍ଷ ପ୍ରାରମ୍ଭରେ ସରକାରୀ ଅର୍ଥ ସାହାଯ୍ୟ ୮୫ ଲକ୍ଷ ଟଙ୍କା ମିଳିଛି। ବର୍ତ୍ତମାନ ସୁଦ୍ଧା ଅଧାରୁ ଅଧିକ ନିର୍ମାଣକାର୍ଯ୍ୟ ଶେଷ ହୋଇଥିବାବେଳେ ଏହି ଅର୍ଥରେ ପ୍ରାୟ ୯୦ ପ୍ରତିଶତ କାର୍ଯ୍ୟ ହୋଇପାରିବ ବୋଲି ଟ୍ରଷ୍ଟି ଅଶୋକ କୁମାର ସାହୁ କୁହନ୍ତି। ପରବର୍ତ୍ତୀ ସମୟରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆମ୍ଭେ ଯେକୌଣସିମତେ ଶେଷ କରିବୁ। ଏହି ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ପୂଜା ପାଇବେ ବୋଲି ସେ ମତ ଦିଅନ୍ତି। ଅପରପକ୍ଷେ ପୁରୀ ମନ୍ଦିର ରୀତିନୀତି ଅନୁଯାୟୀ ଏଠାରେ ବିଭିନ୍ନ ପର୍ବପର୍ବାଣି ପାଳନ କରାଯାଉଛି। ପ୍ରତିବର୍ଷ ବୈଶାଖ ନବମୀ ତିଥିରେ ଏଠାରେ ୩ଦିନ ବ୍ୟାପୀ ବିଷ୍ଣୁ ମହାଯଜ୍ଞ ଅନୁଷ୍ଠିତ ହୋଇଆସୁଛି।

## ପ୍ରତିଷ୍ଠା ଅପେକ୍ଷାରେ ମନ୍ଦିର (ଶ୍ରୀବଳଭଦ୍ରଙ୍କ ଦାରୁସ୍ଥଳୀ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ପ୍ରସିଦ୍ଧ ବାଣୀକ୍ଷେତ୍ର ଝଙ୍କଡ଼ ଶାରଳା ମନ୍ଦିର ନିକଟରେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ବିଗ୍ରହ ନିମନ୍ତେ ଦାରୁ ସନ୍ଧାନ କରାଯାଇଥିଲା। ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ବାଡ଼ଗ୍ରାହୀ ତଥା ବନଯାଗପର୍ବର ସଭାପତି ହଳଧର ଦାସ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ମା' ଶାରଳାଙ୍କ ପୀଠରୁ ଦାରୁ ଛେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବୈଦିକ ବିଧିବିଧାନ ଅନୁଯାୟୀ ଯଥାରୀତିରେ ଗୁପ୍ତ ପୂଜା ସମ୍ପାଦନ ସହ ବିଶ୍ୱକର୍ମା ସେବକମାନେ ଦାରୁ ଛେଦନ କରିଥିଲେ। ଏଠାରୁ ଏକାଧିକ ଶଗଡ଼ିରେ ଶ୍ରୀକ୍ଷେତ୍ରକୁ ମହାଦାରୁ ଯାତ୍ରା କରିଥିଲେ। ସେହି ଦାରୁବୃକ୍ଷଙ୍କ ଉତ୍ପତ୍ତି ସ୍ଥାନରେ ସ୍ମାରକୀ ସ୍ୱରୂପ ଏକ ଭବ୍ୟ ମନ୍ଦିର ନିର୍ମାଣ ଲାଗି ପୁରୀ ଶ୍ରୀମନ୍ଦିର ପ୍ରଶାସନ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୫ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ଏହା ସହିତ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥରେ ପ୍ରାୟ ୨୬ ଲକ୍ଷ


ଶ୍ରୀସୁଦର୍ଶନଙ୍କ ଦାରୁସ୍ଥଳରେ ଚାଲିଛି ମନ୍ଦିର ନିର୍ମାଣ



ଅନୁଦାନ ମିଳିଥିଲା। ଏହା ସହିତ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥରେ ପ୍ରାୟ ୨୬ ଲକ୍ଷ ଟଙ୍କା ବ୍ୟୟରେ ଏକ ସ୍ମୃତିମନ୍ଦିର ନିର୍ମାଣ କରାଯାଇଛି। ଆଉ ଏଠାରେ ସ୍ଥାପନ ଲାଗି ପୁରୀରୁ ତାଳଧ୍ୱଜ ରଥଚକ ଆସିଛି। ତେବେ ମନ୍ଦିର ନିର୍ମାଣ ସରିଥିଲେ ମଧ୍ୟ ରଥଚକର ବିଧିବଦ୍ଧ ସ୍ଥାପନ ହୋଇ ପାରିନାହିଁ। ଏହି ମନ୍ଦିର ଦ୍ୱାର ଏ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଛି। ଶାରଳା ସାହିତ୍ୟ ସଂସ୍କୃତି ଓ ମହିମା ପ୍ରଚାରକ ରମାକାନ୍ତ ରାଉଳ କୁହନ୍ତି, ଦାରୁ ଚୟନ ପରେ ଏଠାରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ ଗୃହଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ସେହିବର୍ଷ ଏପ୍ରିଲ ମାସରେ ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜଗତ୍‌ସିଂହପୁର ଜିଲାପାଳଙ୍କ ଉପସ୍ଥିତିରେ ଯେଉଁ ଶତାଧିକ ଦୋକାନୀଙ୍କୁ ଏଠାରୁ ଉଠାଇ ଦିଆଗଲା ସେମାନଙ୍କୁ ଥଇଥାନ କରାଯିବ ବୋଲି ଘୋଷଣା କରାଯାଇଥିଲା। ସେମାନଙ୍କୁ ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଗଲା ଯେ ତିନିମାସ ମଧ୍ୟରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ଦୋକାନଘର ଯୋଗାଇ ଦିଆଯିବ। ମାତ୍ର ଇତି ମଧ୍ୟରେ ଦୀର୍ଘ ନଅବର୍ଷ ଅତିକ୍ରାନ୍ତ ହେବାକୁ ଯାଉଛି। ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ସରି ନ ଥିବାରୁ ବିସ୍ଥାପିତ ଦୋକାନୀ ଥଇଥାନ ହୋଇନାହାନ୍ତି। ଫଳରେ ଜୀବିକା ହରାଇ ସେମାନେ ଦୁର୍ବିଷହ ଜୀବନ ବିତାଉଛନ୍ତି । ଏଥିପାଇଁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ବୋଲି ସେ କହିଛନ୍ତି।

## ଅର୍ଥ ପାଇଁ ଆରମ୍ଭ ହୋଇପାରିନି ମନ୍ଦିର
### (ଦେବୀ ସୁଭଦ୍ରାଙ୍କ ଦାରୁସ୍ଥଳୀ)

ସେଦିନ ଥିଲା ୨୦୧୫ ଏପ୍ରିଲ ୨୪ତାରିଖ। ଜଗତ୍‌ସିଂହପୁର ଜିଲା ବିରିଡି ବ୍ଲକର ଅଢ଼ଙ୍ଗଗଡ଼ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଦେବୀ ସୁଭଦ୍ରାଙ୍କ ଦାରୁ ଚିହ୍ନଟ ହୋଇଥିଲା। ତେବେ ଏହାର୧୫/୨୦ ଦିନ ପୂର୍ବରୁ ଶ୍ରୀକ୍ଷେତ୍ରରୁ କେତେଜଣ ସେବକ ଆସି ଏହି ନିମବୃକ୍ଷ ଦେଖିଯାଇଥିଲେ। ପୁଣି ୩/୪ ଦିନ ପରେ ସେହି ସେବକଙ୍କ ମଧ୍ୟରୁ କେତେଜଣ ଆସି କହିଲେ ଏହି ଗଛକୁ ଜଗାଜଗି କରିବ। ତେବେ ମା' ସୁଭଦ୍ରାଙ୍କ ଦାରୁ ଲାଗି ଚିହ୍ନଟ ପରେ ଏଠାରେ ଥିବା ଯଜ୍ଞଘର, ମାଟିଘର ଭଙ୍ଗାଯିବା ସହିତ ପୋଖରୀର କେତେକ ଅଂଶ ପୋତି ଦିଆଯାଇଥିଲା ବୋଲି କୁହନ୍ତି ନୀଳକଣ୍ଠେଶ୍ୱର ମନ୍ଦିର ପରିଚାଳନା କମିଟିର କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ପାତ୍ର। ଏଥିସହିତ ସେ କୁହନ୍ତି, ବିଧି ଅନୁଯାୟୀ ଯଜ୍ଞାଦି ପରେ ଦାରୁ ଛେଦନ କରାଯାଇଥିଲା। ଶଗଡ଼ିରେ ଆବଶ୍ୟକ ଦାରୁ ପୁରୀ ଯିବାପରେ ବୃକ୍ଷର ବାକି ଅଂଶକୁ ଏଠାରେ ଏକ ଗାତ କରି ପୋତି ଦିଆଗଲା। ପରବର୍ତ୍ତୀ ସମୟରେ ବୃକ୍ଷାଂଶକୁ ପାତାଳୀ କରାଯାଇଥିବା ସ୍ଥାନରେ ଏକ ମଣ୍ଡପ ନିର୍ମାଣ ଲାଗି ଚିନ୍ତା କରାଗଲା। ତତ୍କାଳୀନ ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ ଏହି ସ୍ଥାନରେ ମଣ୍ଡପ ନିର୍ମାଣ ଲାଗି ବିଧାୟକ ପାଣ୍ଠିରୁ ଅର୍ଥ ସହାୟତା ଦେଲେ। ସେହି ଅର୍ଥରେ ଏଠାରେ ଏକ ସୁଦୃଶ୍ୟ ମଣ୍ଡପ ନିର୍ମାଣ ହୋଇଛି। ତାକୁ ସମସ୍ତେ ପାତାଳୀ କହୁଛନ୍ତି। କିଛି ଅଂଶ ପୋତା ହୋଇଥିବା ପୋଖରୀରୁ ମାଟି ବାହାର କରାଯିବା ସହ ଚାରିପଟେ ପଥର ପ୍ୟାକିଂ ସରିଛି। କେତେକ ସ୍ଥାନରେ ପାହାଚ ବ୍ୟବସ୍ଥା କରାଯାଇଛି। ପୁରୀର ଦେବଦଳନ ରଥ ଚକା ଆସି ଏଠାରେ ରହିଛି। ତେବେ ଏଠାରେ ଏକ ମନ୍ଦିର ନିର୍ମାଣ ଲାଗି ପରିକଳ୍ପନା କରାଯାଇଛି। ମାଟି ପକାଯାଇ ସ୍ଥାନ ନିରୂପିତ ସରିଛି। ହେଲେ କାର୍ଯ୍ୟ ଆଗେଇବା ଲାଗି ଅର୍ଥ ବାଟ ଓଗାଳିଛି। ଆଗାମୀ ଦିନରେ ସମସ୍ତଙ୍କ ସହଯୋଗରେ ମନ୍ଦିର କାର୍ଯ୍ୟ ହେବା ନେଇ ସେ ଆଶାବାଦୀ ଥିବା କହିଛନ୍ତି ।


ଦେବୀ ସୁଭଦ୍ରାଙ୍କ ଦାରୁସ୍ଥଳ


ଶ୍ରୀବଳଭଦ୍ରଙ୍କ ଦାରୁସ୍ଥଳରେ ନିର୍ମିତ ମନ୍ଦିର

## ଦାରୁବ୍ରହ୍ମ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ 'ଦାରୁବ୍ରହ୍ମ' କୁହାଯାଏ। 'ଦାରୁବ୍ରହ୍ମ'ରେ ଦୁଇଟି ଶବ୍ଦ– 'ଦାରୁ ଏବଂ ବ୍ରହ୍ମ' । ଅର୍ଥାତ୍ ଯିଏ ଦାରୁ, ସିଏ ହେଉଛନ୍ତି ବ୍ରହ୍ମ । ଏଥିରୁ ଜଣାଯାଉଛି ବ୍ରହ୍ମ ଦାରୁ ହୋଇନାହାନ୍ତି। ଦାରୁ ହିଁ ବ୍ରହ୍ମ ହୋଇଛନ୍ତି। ଏ ହେଉଛି ଉପନିଷଦର ଗଭୀର କଥା । ଆମ ପରମ୍ପରାରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତରେ ଦାରୁର ଆବଶ୍ୟକତା ଥାଏ । ଅନ୍ତୁଡିଶାଳରୁ ଜୁଇ ଜଳିବା ପର୍ଯ୍ୟନ୍ତ ଦାରୁ ଆବଶ୍ୟକ ହୁଏ । ନୂତନ ଶରୀରକୁ ଗଢିବାରେ ତା'ର ଅବଦାନ ଯେତିକି ଜଗତର ଜନ୍ମ ମରଣ ଲୀଳାରେ ମର ଶରୀରକୁ ନଷ୍ଟ କରିବାରେ ସେତିକି। ମହାପ୍ରଭୁ ଦାରୁ ବିଗ୍ରହ ଧାରଣ କରିବାର ରହସ୍ୟ ପଛରେ ଜଗତର ଅନେକ ମଙ୍ଗଳ କାମନା ରହିଥିବାର ଜଣାଯାଏ। ସେଥିପାଇଁ ନବକଳେବର ଲୀଳାରେ ନୂତନ ବିଗ୍ରହ ପାଇଁ ଦାରୁ ଚିହ୍ନଟ କରିବା ଓ ଦାରୁ ଆଣିବା ପାଇଁ ଏକ ସ୍ୱତନ୍ତ୍ର ବିଧି ଅନୁସୃତ ହେଉଛି। ଏଭଳି ବିଧି ଭାରତର କୌଣସି ମନ୍ଦିରରେ ଦେଖିବାକୁ ମିଳେନାହିଁ। ସ୍କନ୍ଦ ପୁରାଣରେ ରହିଛି 'ନ ଦାରୁ ପ୍ରତିମା ଚେୟଂ ସାକ୍ଷାତ୍ ବ୍ରହ୍ମ ପ୍ରକାଶତେ', ଏହାର ଅର୍ଥ ମଧ୍ୟ ସ୍ପଷ୍ଟ ଭାବେ ଜଣାଯାଏ । ମହାପ୍ରଭୁ କେବଳ ଦାରୁ ପ୍ରତିମା ନୁହନ୍ତି, ସେ ସାକ୍ଷାତ ବ୍ରହ୍ମ, ତେବେ ତାଙ୍କର ଦେହ ରହସ୍ୟ କ'ଣ ? କାଳେ ଏ ଦେହକୁ କେବଳ ପ୍ରତିମା ବୋଲି ଲୋକେ ଧାରଣା କରିବେ ସେଥିପାଇଁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ବ୍ରହ୍ମା ସ୍ପଷ୍ଟଭାବେ କହିଥିଲେ, 'କେବେ ହେଲେ ଏହାକୁ ଦାରୁପ୍ରତିମା ବୋଲି ମନେକରିବ ନାହିଁ' । ବାସ୍ତବରେ ବନଯାଗ ବିଧିରେ ମଣିଷ ରୂପ ଧାରଣ କରିଥିବା ସେବକମାନଙ୍କ ଦ୍ୱାରା ଦାରୁ ଚିହ୍ନଟ ହୋଇ ଆସି ମଣିଷ ରୂପୀ ବିଶ୍ୱକର୍ମାଙ୍କ ଦ୍ୱାରା ବିଗ୍ରହ ନିର୍ମାଣ ହେଲେ ମଧ୍ୟ ପ୍ରତିଷ୍ଠା ପରେ ଏହାକୁ ସାଧାରଣ ପ୍ରତିମା ବୋଲି ଭାବିବ ନାହିଁ। ପ୍ରକୃତରେ ମହାପ୍ରଭୁ ଚାରିବେଦ ଅନୁସାରେ ଦାରୁମୟ ବ୍ରହ୍ମ ଅଟନ୍ତି। ଶାସ୍ତ୍ର ପ୍ରମାଣ ଅନୁସାରେ ବ୍ରହ୍ମ ସର୍ବତ୍ର ବିରାଜମାନ କରିଛନ୍ତି। ପ୍ରକୃତରେ ବ୍ରହ୍ମର କୌଣସି ଶରୀର ନାହିଁ। ଯଦି ବ୍ରହ୍ମଙ୍କର କଳେବର ନାହିଁ, ତେବେ ନୂତନ କଳେବର ଧାରଣ କିପରି କରୁଛନ୍ତି ! ଦେହହୀନ ବ୍ରହ୍ମଙ୍କର ଦେହ ଧାରଣ ପୁରୁଷୋତ୍ତମ କ୍ଷେତ୍ରରେ ଦେଖାଯାଏ।


ଶ୍ରୀବଳଭଦ୍ରଙ୍କ ଦାରୁସ୍ଥଳ




ଦେବୀ ସୁଭଦ୍ରାଙ୍କ ଦାରୁସ୍ଥଳରେ ନିର୍ମିତ ମଣ୍ଡପ

# ଦାରୁର ଲକ୍ଷଣ

## ଶ୍ରୀଜଗନ୍ନାଥ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁର ରଙ୍ଗ କଳା ଓ ଗାଢ଼ ନାଲି ହୋଇଥିବ। ଦାରୁ ବୃକ୍ଷଟି ମାଟିଠାରୁ ଉଚ୍ଚତା ସିଧାଭାବେ ସାତ ହାତରୁ ବାର ହାତ ହୋଇଥାଏ। ବୃକ୍ଷର ଶାଖା ସଂଖ୍ୟା ଚାରୋଟିରୁ କମ୍ ନ ଥିବ। ଦାରୁ ନିକଟରେ ପୋଖରୀ ବା ନଦୀଟିଏ ଥିବ। ନିକଟରେ ୩ଟି ରାସ୍ତାର ମିଳନସ୍ଥଳ ଥିବ କିମ୍ବା ତିନୋଟି ପାହାଡ଼ ବା ମୁଣ୍ଡିଆ ଥିବ। ଦାରୁର ପାଖାପାଖି ଅଞ୍ଚଳରେ ଶ୍ମଶାନଟିଏ ରହିଥିବ। ବୃକ୍ଷର ଅନତି ଦୂରରେ ପୂଜା ପାଉଥିବେ ସଦାଶିବ। ବୃକ୍ଷଟି କୌଣସି ପକ୍ଷୀଙ୍କ ଆଶ୍ରୟସ୍ଥଳ ହୋଇ ନ ଥିବ କିମ୍ବା ଝଡ଼ବର୍ଷା,ବାତ୍ୟାରେ ବୃକ୍ଷ କ୍ଷତିଗ୍ରସ୍ତ ହୋଇ ନ ଥିବ। ନିକଟରେ ଉଇହୁଙ୍କା ଓ ନାଗସାପର ଉପସ୍ଥିତି ଏକାନ୍ତ ଜରୁରୀ। ସର୍ବୋପରି ମହାପ୍ରଭୁଙ୍କ ଦାରୁରେ ଶଙ୍ଖ ଚକ୍ରର ଚିହ୍ନ ନିଶ୍ଚିତ ଭାବେ ରହିଥିବ।

## ଶ୍ରୀବଳଭଦ୍ର

ଶ୍ରୀବଳଭଦ୍ରଙ୍କ ଦାରୁ ନିମନ୍ତେ ଚିହ୍ନଟ ହେଉଥିବା ବୃକ୍ଷ ବଲ୍କଳର ରଙ୍ଗ ଈଷତ୍ ଧଳା ହୋଇଥିବ। ସେ ଅନନ୍ତ ଚେତନା ସହିତ ଜଡିତ ରହିଥିବାରୁ ତାଙ୍କ ଦାରୁବୃକ୍ଷରେ ସାତଗୋଟି ଶାଖା ରହିଥିବ। ବୃକ୍ଷର ଶାଖାଗୁଡିକ ଊର୍ଦ୍ଧ୍ୱନୀତ ଭାବେ ସଜ୍ଜିତ ହୋଇ ରହିଥିବା ଯୋଗୁ ଦୂରରୁ ସେହି ବୃକ୍ଷକୁ ଦେଖିଲେ ତାହା ସର୍ପସଦୃଶ ଦୃଶ୍ୟମାନ ହେଉଥିବ। ବୃକ୍ଷ ନିକଟରେ ଶାହାଡ଼ା ଓ ବେଲ ଗଛ ରହିଥିବ।

## ମା' ସୁଭଦ୍ରା

ମା' ସୁଭଦ୍ରାଙ୍କ ଦାରୁ ବୃକ୍ଷର ବଲ୍କଳ ରଙ୍ଗ ଈଷତ୍ ହଳଦିଆ ହୋଇଥିବ। ଦାର୍ଶନିକ ଦୃଷ୍ଟିକୋଣରୁ ଶ୍ରୀଚତୁର୍ଦ୍ଧା ବିଗ୍ରହଙ୍କ ମଧ୍ୟରେ ମା' ସୁଭଦ୍ରା ହେଉଛନ୍ତି ଇଚ୍ଛାଶକ୍ତିର ପ୍ରତୀକ। ତେଣୁ ତାଙ୍କ ପାଖରେ ମୋଟାମୋଟି ପାଞ୍ଚଗୋଟି ଗୁଣର ମିଳନ ହୋଇଥାଏ। ତାଙ୍କ ବୃକ୍ଷରେ ମୁଖ୍ୟ ୫ଟି ଶାଖା ରହିଥିବ। ଦାରୁରେ କେତେକ ସ୍ଥଳରେ ପଦ୍ମଫୁଲର ଚିହ୍ନ ରହିଥାଏ।

## ଶ୍ରୀ ସୁଦର୍ଶନ

ଚକ୍ରରାଜ ଶ୍ରୀସୁଦର୍ଶନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆୟୁଧ। ତେଣୁ ତାଙ୍କ ବୃକ୍ଷ ନାରଙ୍ଗୀ ବା ଗୋଲାପୀ ରଙ୍ଗର ଦୃଶ୍ୟମାନ ହୋଇଥାଏ। ଶ୍ରୀସୁଦର୍ଶନ କାର୍ଯ୍ୟଶକ୍ତିର ପ୍ରତୀକ। ତେଣୁ ତାଙ୍କ ବୃକ୍ଷରେ ତିନୋଟି ଶାଖା ରହିଥିବ। ବୃକ୍ଷର ମୁଖ୍ୟ ଲକ୍ଷଣ ମଧ୍ୟରେ ଚକ୍ରଚିହ୍ନ ଅନ୍ୟତମ।

ଏହି ଲକ୍ଷଣଗୁଡ଼ିକ ସାମଗ୍ରିକ ଭାବେ ନ ମିଳିଲେ ମଧ୍ୟ ଅଧିକାଂଶ ଲକ୍ଷଣ ଯେଉଁ ବୃକ୍ଷରେ ମିଳୁଥିବ ତାହାକୁ ଦଇତାପତିମାନେ ପରମ୍ପରାକ୍ରମେ ମନୋନୀତ କରିଥାନ୍ତି। କ୍ରମ ଅନୁଯାୟୀ ପ୍ରଥମେ ଶ୍ରୀସୁଦର୍ଶନଙ୍କ ଦାରୁ ଠାବ ହେବାପରେ ଶ୍ରୀବଳଭଦ୍ର, ମା'ସୁଭଦ୍ରାଙ୍କ ଦାରୁ ଚିହ୍ନଟ ହୋଇଥାଏ। ପରିଶେଷରେ ମହାପ୍ରଭୁ ଲୀଳାମୟ ଶ୍ରୀଜଗନ୍ନାଥଙ୍କ ଦାରୁବୃକ୍ଷ ଚିହ୍ନଟ ହୋଇଥାଏ।



## ଶେଷ ପର୍ଯ୍ୟାୟରେ ମନ୍ଦିର କାର୍ଯ୍ୟ (ଶ୍ରୀଜଗନ୍ନାଥଙ୍କ ଦାରୁସ୍ଥଳୀ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକର ଖରିପଡ଼ିଆଠାରେ ୨୦୧୫ ଏପ୍ରିଲ ୨୯ରେ ଚିହ୍ନଟ ହୋଇଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁ। ଏହାପରେ ସେହି ସ୍ଥାନ ଲୋକମାନଙ୍କ ପାଇଁ ତୀର୍ଥଭୂମି ପାଲଟି ଯାଇଥିଲା। ପ୍ରକୃତପକ୍ଷେ ଏହି ଦାରୁ ସ୍ଥଳଟି ସ୍ଥାନୀୟ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ବାଡ଼ିରେ ଥିଲା। ସୂଚନାଯୋଗ୍ୟ ୧୯୯୬ ମସିହାରେ ସଂଘଟିତ ନବକଳେବର ସମୟରେ ଏଠାକୁ ପୁରୀରୁ ଦଇତା ସେବକ ଆସିଥିଲେ। ଏହି ବୃକ୍ଷ ମହାପ୍ରଭୁଙ୍କ ଦାରୁ ଲାଗି ଯୋଗ୍ୟ ବୋଲି ମତ ଦେଇଥିଲେ। ଏହାର କିଛି ମାସ ପୂର୍ବରୁ ଜଣେ ସାଧକ ଏଠାରେ ଆସି ଖରାବେଳେ ଚାରିପଟେ ନିଆଁ ଜଳାଇ ମଝିରେ କମ୍ବଳ ଘୋଡିହୋଇ ସାଧନା କରିଥିଲେ। କିଛି ଦିନ ପରେ ସେ କହିଥିଲେ ଏହିଠାରେ ଏକ ବିରାଟ ଯଜ୍ଞ ହେବ। ସେହିବର୍ଷ ଏକ ପ୍ରଚଣ୍ଡ କାଳବୈଶାଖୀ ପରେ ସେ ସାଧୁଙ୍କ ଆଉ ଦେଖା ମିଳି ନ ଥିଲା। ତେବେ ସେଥର ନବକଳେବରରେ ଦଧିମାଛ ଗାଡିଆଠାରେ ମହାପ୍ରଭୁଙ୍କର ଦାରୁ ଚିହ୍ନଟ ହୋଇଥିଲା। ତେବେ ସେହି ଦିନଠାରୁ ଏହି ବୃକ୍ଷ ମୂଳରେ ଏକ ଛୋଟ ମନ୍ଦିରରେ ଜଗନ୍ନାଥ ପୂଜା ପାଇ ଆସୁଛନ୍ତି। ୨୦୧୫ ନବକଳେବର ଲାଗି ଏଠାରୁ ଦାରୁ ଚିହ୍ନଟ ହୋଇ ବିଭିନ୍ନ ବିଧି ଅନୁଯାୟୀ ଦାରୁ ଛେଦନ ହୋଇଥିଲା। କେତୋଟି ଶଗଡିରେ ଏଠାରୁ ଦାରୁ ଶ୍ରୀକ୍ଷେତ୍ରକୁ ଯାଇଥିଲା। ତା'ପରେ ଏଠାରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଗଠନ ହେଲା। ଏ ସମ୍ପର୍କରେ କମିଟି ସଦସ୍ୟ ହେମନ୍ତ କୁମାର ସାହୁ କୁହନ୍ତି, ଦାରୁ ଛେଦନ ଲାଗି ଏଠାରେ ଥିବା ଛୋଟ ଜଗନ୍ନାଥ ମନ୍ଦିରଟି ଭଙ୍ଗା ଯାଇ ଠାକୁରଙ୍କୁ ହନୁମାନ ମନ୍ଦିରରେ ପୂଜା କରାଯାଉଥିଲା। ପ୍ରଥମେ ପୂର୍ବ ସ୍ଥାନରେ ଛୋଟ ମନ୍ଦିର ତିଆରି କରାଯାଇ ସେଠାରେ ଠାକୁର ପୂଜା ପାଇ ଆସୁଛନ୍ତି। ଏହାପରେ ଏଠାରେ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହେଲା। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ପରିବାରକୁ ଏହି ସ୍ଥାନର ଏଗ୍ରିମେଣ୍ଟ କରାଯାଇ ୩ ଲକ୍ଷ ଟଙ୍କା ଦିଆଯାଇଥିଲା। ଏଥି ସହିତ କମିଟିକୁ ମିଳିଥିଲା ୫ ଲକ୍ଷ ଟଙ୍କା। ମନ୍ଦିର କାର୍ଯ୍ୟ ଆରମ୍ଭ ହେଲା। ତତ୍କାଳୀନ ଆଇନ ମନ୍ତ୍ରୀ ପ୍ରତାପ ଜେନା ତାଙ୍କ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ଲକ ତରଫରୁ ମୋଟ ସାଢେ ୫ ଲକ୍ଷ ଟଙ୍କା ଏବଂ ଗତ କିଛି ମାସ ତଳେ ସରକାରଙ୍କ ପକ୍ଷରୁ ୩୦ ଲକ୍ଷ ଟଙ୍କା ମନ୍ଦିର ପାଇଁ ମିଳିଛି। ଏହା ବ୍ୟତୀତ ବହୁ ବ୍ୟକ୍ତିଙ୍କ ଦାନରେ ମନ୍ଦିରର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଲାଣି। ଆଉ ଯାହା ବାକି ଅଛି ଅଳ୍ପ ଦିନ ଭିତରେ ଠାକୁରଙ୍କ ଦୟାରୁ ସମ୍ପୂର୍ଣ୍ଣ ହୋଇଯିବ ବୋଲି ସେ କୁହନ୍ତି।

**-ବୀରଭଦ୍ର ବିଶ୍ୱାଳ**

**ତଥ୍ୟ: ମନୋଜ ମଣ୍ଡଳ(ବାଳକାଟି), ପ୍ରମୋଦ ନାୟକ (ଜଗତ୍‌ସିଂହପୁର), ଗୌରାଙ୍ଗ ସ୍ୱାଇଁ (ତିର୍ତ୍ତୋଲ), ରାଜେନ୍ଦ୍ର ସିଂ (ରଘୁନାଥପୁର)**



ଶ୍ରୀଜଗନ୍ନାଥଙ୍କ ଦାରୁସ୍ଥଳ



ଶ୍ରୀଜଗନ୍ନାଥଙ୍କ ଦାରୁସ୍ଥଳରେ ନିର୍ମିତ ମନ୍ଦିର

# ଲେଖା ମୋ ଜୀବନ



**ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର; ଯିଏକି ତିନି ଦଶନ୍ଧିଧରି କଲମ ଚାଳନା କରି ସୃଷ୍ଟି କରିଛନ୍ତି ଅନେକ ଗଳ୍ପ, ଲଳିତନିବନ୍ଧ ଓ ଫିଚର ...**











ଏକାଧାରରେ ସେ ଜଣେ ନାଟ୍ୟ ନିର୍ଦ୍ଦେଶକ, ସାହିତ୍ୟିକ, କର୍ମକାଣ୍ଡ ବିଶାରଦ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଅଧ୍ୟାପକ। ଏକାଧିକ ଶିକ୍ଷାନୁଷ୍ଠାନ ନିର୍ମାଣରେ ତାଙ୍କର ରହିଛି ଅବଦାନ। ତିନି ଦଶନ୍ଧିଧରି ସେ କଲମ ଚାଳନା କରି ସୃଷ୍ଟି କରିଛନ୍ତି ଅନେକ ଗଳ୍ପ, ଲଳିତ ନିବନ୍ଧ ଓ ଫିଚର। ବୈଦିକ ସାହିତ୍ୟଠୁ ଆରମ୍ଭ କରି ଆଧୁନିକ ସାହିତ୍ୟ ଯାଏ ପ୍ରାୟ ୮ ଗୋଟି ପୁସ୍ତକ ରଚନା କରିଛନ୍ତି। ତାଙ୍କର ବହୁମୁଖୀ ପ୍ରତିଭାକୁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର। ସେ ହେଲେ **ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର**, ବୟସ ୮୫ ବର୍ଷ। ମାତା ଭଗବତୀ ଦେବୀ, ପିତା ଶ୍ରୀଧର ମହାପାତ୍ର। ଘର କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ସଦର ମହକୁମାସ୍ଥ ରାଜନଗର ଗାଁରେ। ସେ କୁହନ୍ତି, ‘‘ଆମ ଗାଁକୁ ଲାଗିଛି ହଂସୁଆ ନଦୀ। ବନ୍ୟାପୀଡ଼ିତ ଅଞ୍ଚଳ ଆମର। ନଦୀପଠା ଓ ବିଲହୁଡ଼ାରେ ଅଧିକାଂଶ କିଆବୁଦା ଓ କାଶତଣ୍ଡୀ ରହିଥାଏ। ପିଲାଦିନେ ମୋର ସେମିତି ଭଲ ପାଠ ହେଉ ନ ଥିବାରୁ ସ୍କୁଲ ନ ଯାଇ କିଆ ବୁଦାମୂଳେ ଲୁଚୁଥିଲି। ଘରେ ବାପା ମା’ ଚିନ୍ତିତ ହୋଇପଡୁଥିଲେ। ମୁଁ କିପରି ପାଠପଢି ମଣିଷ ହେବି, ସେଥିପାଇଁ ବୋଉର ଭାରି ଆକଟ ଥିଲା। ଏଥିଯୋଗୁ ଭଦ୍ରକରେ ରହୁଥିବା ଭିଣୋଇଙ୍କ ପାଖରେ ରହି ପାଠ ପଢ଼ିବାକୁ ଘରେ ଛାଡ଼ିଥିଲେ। ସେଠାରେ ଏନ୍‌ସି ସ୍କୁଲରେ ୫ମରୁ ୮ମ ଯାଏ ପାଠ ପଢ଼ିଲି। ସେତେବେଳେ ମୀନାବଜାରକୁ ଛୋଟ ଛୋଟ ଗପ ଲେଖି ପଠାଉଥିଲି। ୬ଷ୍ଠ ଶ୍ରେଣୀରେ ପଢୁଥିବାବେଳେ ଡ୍ରାମାରେ ଅଭିନୟ କରିବା ଆରମ୍ଭ କରିଥିଲି। ଅଧିକାଂଶ ସମୟ ବଙ୍ଗଳା ସିନେମା ଦେଖିବାକୁ ଯାଉଥିଲି। ଏହି ସମୟରେ ସାମୁଏଲ ସାହୁଙ୍କ ସମ୍ପର୍କରେ ଆସିଥିଲି। ନାଟକରେ ଅଭିନୟ କରିବା ସହିତ ନିର୍ଦ୍ଦେଶନା ଦେବାର ପ୍ରେରଣା ତାଙ୍କଠାରୁ ପାଇଥିଲି। ୧୯୬୫ରେ ରାଜନଗର ଉଚ୍ଚ ବିଦ୍ୟାଳୟରୁ ୧୦ମ ପାସ୍ କରିଥିଲି। ତା’ପରେ ଭୁବନେଶ୍ୱର ବିଜେବି କଲେଜରେ ପଢ଼ିଲି। ସେତେବେଳେ ମୁଁ କଲେଜର ସାହିତ୍ୟ ସଂସଦ ସମ୍ପାଦକ ଭାବେ କାର୍ଯ୍ୟ କଲି। ପରେ ଅଗ୍ରଗାମୀ ସାହିତ୍ୟ ସଂସଦ ଗଠନ କରିଥିଲୁ। ସେହି ସମୟରେ ଯଶସ୍ୱୀ କବି ଜୟନ୍ତ ମହାପାତ୍ର, ମହାପାତ୍ର ନୀଳମଣି ସାହୁ, ଶାନ୍ତନୁ ଆଚାର୍ଯ୍ୟ, ଗୋପୀନାଥ ମହାନ୍ତି, କାହ୍ନୁଚରଣ ମହାନ୍ତି ଓ ମାୟାଧର ମାନସିଂଙ୍କ ସଂସ୍ପର୍ଶରେ ଆସିଲି। ସେମାନଙ୍କଠାରୁ ସାହିତ୍ୟ ସାଧନା ପାଇଁ ଅଜସ୍ର ପ୍ରେରଣା ମିଳୁଥିଲା। ବିଏ ପଢ଼ା ସରିଲାପରେ ଜଗନ୍ନାଥପୁର ଶାସନ, ବାଲିକଣା ସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କଲି। ତା’ପରେ ପ୍ରତାପସିଂ ମହାପାତ୍ରଙ୍କ ଉଦ୍ୟମରେ ରାଜନଗର ଶୈଳେନ୍ଦ୍ର ନାରାୟଣ ସ୍କୁଲରେ ଯୋଗଦେଲି। ପରେ ବିଏଡ୍ କଲି। ଇଂଲିଶ୍‌ରେ ଏମ୍‌ଏ ସାରିଲି। ୨୦୦୦ ମସିହାରେ ଜଣେ ଆର୍ଦଶ ଶିକ୍ଷକ ଭାବେ ରାଜ୍ୟପାଳଙ୍କଠାରୁ ପୁରସ୍କାର ପାଇଥିଲି। ସମୟକ୍ରମେ ଏହି ସ୍କୁଲ ମହାବିଦ୍ୟାଳୟ ହେଲା। ଏଠାରେ ଇଂଲିଶ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲି। ମାତ୍ର ସଂସ୍କୃତ ଟୋଲ୍‌ରେ ପଢ଼ିଥିବାରୁ ପୁରୋହିତ କାର୍ଯ୍ୟ, ପୂଜା କର୍ମକାଣ୍ଡ, ବେଦ, ଉପନିଷଦ, ଜ୍ୟୋତିଷ ଶାସ୍ତ୍ର ଓ ପୁରାଣାଦି ମଧ୍ୟ ପଢୁଥିଲି। ଏପଟେ ସାହିତ୍ୟ ସାଧନା ମଧ୍ୟ ଜାରି ରହିଥାଏ। ପ୍ରଥମେ ନାଟକ ଲେଖିବା ପାଇଁ ମନ ବଳାଇଥିଲି ହେଲେ ସେମିତି କିଛି ହେଲାନି। ତା’ ପରେ ଲଳିତନିବନ୍ଧ ଲେଖିଲି। ଏଥିରେ ବହୁ ପ୍ରଶଂସା ପାଇଲି। ତେଣୁ ଅଧିକାଂଶ ସମୟ ଏଥିରେ ମନୋନିବେଶ କଲି। ସେତେବେଳେ ଦେବୀପ୍ରସନ୍ନ ପଟ୍ଟନାୟକ ମୋ ଲେଖାକୁ ବହୁତ ପସନ୍ଦ କରୁଥିଲେ। ଏଥିସହିତ ‘ଶିବାନୀ’, ‘ଅନ୍ତ୍ୟେଷ୍ଟିଯଜ୍ଞ’, ‘ବହୁବର୍ଣ୍ଣା ବସୁନ୍ଧରା’, ‘ମା’ ଭଗବତୀ ପଦ୍ୟାବଳୀ’, ‘ହେ ପାଦପ’ ଆଦି ପୁସ୍ତକ ରଚନା କରିଥିଲି। ପୁରସ୍କାର ଭାବେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ, ବନଫୁଲ ସାହିତ୍ୟ ସଂସଦ, କେନ୍ଦ୍ରାପଡ଼ା ଜିଲା ସାହିତ୍ୟ ପରିଷଦ, ସାଗରବେଳା ସମ୍ମାନ, ଭାଗ୍ୟଲିପି ସମ୍ମାନ, ଶରତଦେବ ମେମୋରିଆଲ ପରିଷଦ, ପଲକ ସମ୍ମାନ, ଲେଖାଲେଖି ଆଦି ଅନେକ ଅନୁଷ୍ଠାନରୁ ସମ୍ମାନିତ ଓ ପୁରସ୍କୃତ ହୋଇଥିଲି। ଏହା ପୂର୍ବରୁ ବିଭିନ୍ନ ସ୍ଥାନରେ ଓ ନାଟକରେ ହିରୋ ଭୂମିକାରେ ଅଭିନୟ କରିଥିଲି ; ଯାହା ମଧ୍ୟରେ ‘ଭୁଲି ହୁଏନା’, ‘ଉର୍ବଶୀ’, ‘ଘରସଂସାର’, ‘ମାଣିକଯୋଡ଼ି’ ଆଦି ନାଟକ ଅନ୍ୟତମ। ସେହିପରି ମୁଁ ‘ସୈତାନ କହୁଛି’, ‘ଶତାବ୍ଦୀର ଯନ୍ତ୍ରଣା’, ‘ଶେଷଅଶ୍ରୁ’, ‘ପରିଶୋଧ’, ‘ଦୋଳମୁକୁଟ’ ଆଦି ଶତାଧିକ ନାଟକରେ ନିର୍ଦ୍ଦେଶନା ଦେଇଛି। ସେତେବେଳର ଏକ ଘଟଣା ମନେପଡେ– ବିଏଡ୍ ପାଇଁ ଏଣ୍ଟ୍ରାନ୍ସ ଦେଇ ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ପାସ୍ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ କିଛି ନା କିଛି ସାଂସ୍କୃତିକ ଆକ୍ଟିଭିଟି ଦେଖାଇବାକୁ ସ୍କୁଲର ଅଧକ୍ଷ ଗୌରୀଶ୍ୟାମ ମହାନ୍ତି କହିଥିଲେ। ହେଲେ ମୋ ଦ୍ୱାରା ଗୀତ କି ନାଚ କିଛି ହେବନି ବୋଲି କହିଲି। ତା’ପରେ ସେ କହିଲେ, ଷ୍ଟାଇପେଣ୍ଡ ନ ମିଳିଲେ ପଢ଼ିବ କେମିତି ? ସେଥିପାଇଁ ପୂର୍ବରୁ ଅଭିନୟ କରିଥିବା ଏକ କବି ଭୂମିକାର ସଂଳାପଟି କହିଥିଲି। ସାର୍ ବହୁତ ଖୁସି ହୋଇଥିଲେ। ଅନ୍ୟମାନେ ମୋତେ ବହୁତ ପ୍ରଶଂସା କରିଥିଲେ। ସେଠାରେ ଷ୍ଟାଇପେଣ୍ଡ ପାଇ ପାଠ ପଢ଼ିଲି। ତା’ସହିତ ବିଭିନ୍ନ ଆଧ୍ୟାତ୍ମିକ ଲେଖା ଓ ଯୁବପିଢ଼ିଙ୍କ ମଧ୍ୟରେ ନୂତନ ଭାବଧାରା ଜାଗ୍ରତ ପାଇଁ ବହୁ ଲେଖା ଲେଖିଲି। ଏବେ ମୋର ବୟସ ପ୍ରାୟ ୮୫ ଟପିସାରିଲାଣି, କିନ୍ତୁ ପ୍ରତିଦିନ କିଛି ନା କିଛି ନ ଲେଖିଲେ ମୋତେ ଭଲ ଲାଗେନା କି ଆଖିକୁ ନିଦ ଆସେନା। ଏବେ ମୁଁ ବୟସର ଅପରାହ୍ନରେ ମୋ ପରିବାର ସହ ଖୁସିରେ ଅଛି। ସକଳ କାର୍ଯ୍ୟ ଆରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମ ସ୍ମରଣ କରିଥାଏ।

**– ଭାସ୍କର ରାଉତରାୟ**





# ବୋଉ କଥା

– ରଞ୍ଜନ କୁମାର ମହାନ୍ତି


ପାହି ନ ଥିବା ରାତିରୁ ଅନ୍ଧାରକୁ ଉଧାର ନେଇ
ବୋଉ ସକାଳ ଆଙ୍କେ,
ବଳି ପଡ଼ିଥିବା ସ୍ୱପ୍ନରେ ଗୋବର ଲିପି
ବୋଉ ନିଦକୁ ଆଉଜାଇ ଦିଏ ଦୁଆରବନ୍ଧ ଆରପାଖେ
ଦେବୀ ହେଉ ହେଉ
ଦୁଇହାତ ଦୂରତାରେ ରହିଯାଏ ବୋଉ
ଆପଣାର ମଣିଷଙ୍କ ସୁଖେ।

ସଳଖ ସକାଳଟା ସଞ୍ଜ ହେଇ ନଇଁପଡେ
ଫୁଲ ଝଡ଼େ,
ପକ୍ଷୀଟିଏ ଫେରିଯାଏ ନୀଡ଼େ
ବୋଉ କିନ୍ତୁ ଆଜିକୁ ଆଉଜେଇ ଦେଇ
କାଲି ପାଇଁ ପୁନର୍ଜନ୍ମ ଲୋଡ଼େ
ଚିରାକାନି ଛୁଞ୍ଚି ସୂତା ଧରି
ସାତସିଆଁ ସମ୍ପର୍କକୁ ଯୋଡ଼େ।

ବୋଉ ନୁହେଁ ଧୂଆଁଳିଆ ବହଳ ସକାଳ
ଉଡ଼ନ୍ତର ଲେଉଟାଣି ରାତି,
ବୋଉ ପରା ମାଟି ଦେହେ କାକର ଚାଦର
ଝାପ୍ସା ଏକ ଚିହ୍ନା ବତୀଘର
କେବେ ପୁଣି ତାରାଭରା ଆକାଶର ଛାତି।

ସଂସାରର ସୁଖ କରି ଚକା
ନାହିଁ ହିଡ଼ ନାହିଁ ଗାଡ଼
ଆଜୀବନ ଗଡୁଥାଏ ବୋଉ
ମାଗୁଣିର ଶଗଡ଼ ପରିକା
ଏକା ଏକା,
କୂଳ ଯାଏଁ ବାହି ନିଏ ବୋଉ
ଟଳମଳ ସଂସାର ନଉକା।

*–ଜାମଶୂଳୀ, ବାଲେଶ୍ୱର*
*ମୋ: ୮୭୫୮୫୭୪୯୪୫*



# ଦାନ୍ତ ଥିଲେ ଚଣା ନାହିଁ

–ଶ୍ରୀମତୀ ଯାଜ୍ଞସେନୀ ହୋତା

ଆହାଃ, କି ସୁଆଦ ମାଆଙ୍କ ହାତରନ୍ଧା। ସୀତା ମାଆଙ୍କ ହାତପରଷା ଖାଇ ହନୁମାନଙ୍କ ମନରେ ଯେମିତି ଭାବନା ଜାତ ହେଇଥିବ ଠିକ୍ ସେମିତି ତୃପ୍ତି ଅନୁଭବ କଲା ନବ। ମାଆ ସ୍ୱୟଂ ଲକ୍ଷ୍ମୀ ଠାକୁରାଣୀ। ଦେଖିବାକୁ ଯେମିତି, ତାଙ୍କ କାମ ବି ସେମିତି, ଭଣ୍ଡାର ଘରେ ଖୁନ୍ଦି ହେଇଛି ଜିନିଷ। ତାଙ୍କ ହାତଛୁଆଁ ପାଇ ଅଗଣାର ଘାସ, ଫୁଲଗଛ ସବୁ ଛନଛନିଆଁ। ଆଉ ପୁଷି ବିଲେଇଠୁ ବିଦେଶୀ କୁକୁର ଯାଏ ସମସ୍ତେ ଦେହଘଷରା। ଏତେବଡ଼ ଲୋକଙ୍କ ସ୍ତ୍ରୀ ହେଇ ବି ନିଜହାତରେ ରୋଷେଇ କରିକି ସାଙ୍ଗେସାଙ୍ଗେ ବାଢ଼ିଦେବେ।

ଆଉ ଟିକେ ପକୁଡ଼ି ଖାଇଦିଅ ନବ। ଆଉ କିଏ ଖାଇବ ? ଆମର ଛଣା ପଣା ଆଉ ଖିଆହେଉନି। ସୁଗାର୍ ଲାଗି ମିଠା ବି ବନ୍ଦ। ଶୁଖା ରୁଟି, ଆଉ କୋଲେଷ୍ଟ୍ରଲ ଲାଗି ବିନା ତେଲ ମସଲାବାଲା ତରକାରି। ମାଆ ଜବରଦସ୍ତ ଆଣି ପ୍ଲେଟ୍‌ରେ ଢାଳିଦେଲେ। ନାଇଁ ମା’ ଥାଉ, ଆଉ କେତେ ଖାଇବି ? ପେଟ ଭରିଗଲାଣି। ଗୋଟେ ପଲିଥିନ ଦେଲେ ପିଲାଙ୍କ ପାଇଁ ନେଇଯିବି ପଛେ। ମାଆ କ’ଣ ଛାଡ଼ିବା ଲୋକ, କେତେ କ’ଣ ଭର୍ତ୍ତି କରିଦେବେ ଏଇନେ।

ପକୁଡ଼ିଟିକେ ଲାଗି ରଙ୍କ ହେଇଯାଆନ୍ତି ତା’ ଛୁଆମାନେ।

ଶୁଖା ରୁଟିତ ଜୀବନଯାକ ଖାଇବେନି। କହିବେ ଇଟା ମେଲ୍ ଛା ଛାଲ୍ ବାଗିର୍ ଲାଗୁଛେ।

ଅନେକ ଦିନ ହେଲା ନବ ଆସି ନ ଥିଲା ସହରକୁ। ମାଆ କେତେଥର ଖବର ଦେଲେ ମାଣ୍ଡିଆ ଲାଗି। ମାଣ୍ଡିଆ ଆଉ କିଏ ଚାଷ କରୁଛି ? ଗାଁ ଲୋକେ ତ ସକାଳୁ ଗରମ ବରା, ପକୁଡ଼ି, ସିଙ୍ଗଡ଼ା ହୋଟେଲରେ ଖାଇକି କାମକୁ ବାହାରୁଛନ୍ତି। ଟଙ୍କାକିଆ ଚାଉଳ ଯାହାକୁ ଯେତେ। ଏ ମାଣ୍ଡିଆ ଯାଉ ଖାଇବାକୁ ଶରଧା କାହାର ? ବାବୁଙ୍କ ଗାଁରେ ଦୀର୍ଘଦିନର ହଳିଆ ଏଇ ନବ।

ସହରରେ ରହିଲା ଦିନୁ ଭାଗଚାଷ ଲାଗିଛି ଜମି ଅନ୍ୟ ଲୋକଙ୍କ ଠାରେ। ତଥାପି ଲୋଡ଼ାପଡ଼େ ନବ। କେତେଘର ବୁଲି ବାଲି ଯୋଗାଡ଼ିଛି ମାଣେ ମାଣ୍ଡିଆ, ଦି ଚାରିଟା ଅମୃତଭଣ୍ଡା, ଗୋଛାଏ ସଜନା ଛୁଇଁ, ପୋଇଡଙ୍କ, କଖାରୁ ପତ୍ର ଆଉ କଲରାଶାଗ। ଏ ସବୁରେ ମାଆଙ୍କ ଖୁବ୍ ଶରଧା। କହନ୍ତି,ଏ ଦେଶୀ ଜିନିଷଗୁଡ଼ା ଖାଇଲେ ରୋଗ ବଇରାଗ ଦୂରେଇ ରୁହେ। ଏ ସହରୀ ଖାଦ୍ୟ ସବୁ ଖାଇବା ଯାହା ... ରୋଗ କିଣିବା ତାହା। କେତେଟା ଶହେଟଙ୍କିଆ ନୋଟ, ଆଉ କ’ଣ କ’ଣ ସବୁ ଗୋଟେ ବ୍ୟାଗ୍ ନବ ହାତରେ ଧରେଇ ମାଣ୍ଡିଆକୁ ହାତରେ ରଗଡୁ ରଗଡୁ ସାଇବାଣୀ କହିଲେ, ଏଥର ଯେଉଁ ଜମି ଖଣ୍ଡେ ପଡ଼ିଆ ପଡ଼ିଛି, ମାଣ୍ଡିଆ ଚାଷ କର ନବ। ଏଥିରେ ପ୍ରଚୁର ପୋଷଣ ରହିଛି। କ୍ୟାଲ୍‌ସିୟମ ଅଭାବରୁ ଏ ଯେଉଁ ଆଣ୍ଠୁଧରା ରୋଗ ଧରୁଛି ନା..ଏ ମାଣ୍ଡିଆ ମହୌଷଧି।

ନବ ମାଆ ଦେଇଥିବା ବ୍ୟାଗ୍‌କୁ ଥରେ ଆଉ ତା’ ମାଣ୍ଡିଆ ଥଳିକୁ ଥରେ ଅନେଇ ଅନ୍ୟମନସ୍କ ହେଇପଡୁଥିଲା।

କରୋନା କାଳରେ ପଞ୍ଚାୟତରୁ ମିଳିଥିବା ବସ୍ତେ ମାଣ୍ଡିଆ ତା’ ଘରେ ପଡ଼ି ପଡ଼ି କଳା ହେଇଯିବା ପରେ ଫିଙ୍ଗିଦେଲା ତା’ ସ୍ତ୍ରୀ।

ନବର ଅକଲ ଗୁଡୁମ୍।

ବାବୁଘରେ ଏତେ ଦରବ ଥାଇ ଖାଲି ଡବଡବ ଦେଖୁଛନ୍ତି। ଏଣେ ଡବା ଡବା ଔଷଧ ଖାଇ ଜୀବନ ଧରିଛନ୍ତି। ହେଲେ ତା’ ପରିବାର ତ ଖାଲି ଖାଇବା ଲାଗି ହାଇଁପାଇଁ ହେଇଯାଉଛନ୍ତି। ଏଥରକ ନିଶ୍ଚୟ ମାଣ୍ଡିଆ ଚାଷ, ଦି ଚାରିଟା ଅମୃତଭଣ୍ଡା ଆଉ ସଜନା ଗଛ ଲଗେଇବି ମାଆ।

ଘରୁ ବାହାରି ଆସୁ ଆସୁ ବଡ଼ପାଟିରେ କହିଲା ନବ।

ସାଇବାଣୀ ହସୁଥିଲେ।

*–ବେଲପଡ଼ା, ବଲାଙ୍ଗିର*
*ମୋ: ୯୧୭୮୮୬୬୩୭୭*

# ପାନ୍ଥଶାଳା

– ନିର୍ମଳଚନ୍ଦ୍ର ଶୂରଦେଓ

ପାନ୍ଥଶାଳା
କାହିଁକି ବା’ ପଚାରିବ
ତା’ର ପରିଚୟ।
ସେ ଜାଣେ
ସମସ୍ତେ ଏଠି ସ୍ଥାୟୀ ନୁହଁ
କାମ ସରିଗଲେ
ସଭିଏଁ ଚାଲିଯିବେ
ଯେ ଯାହା ବାଟରେ।
ସ୍ମୃତିସବୁ ସାଉଁଟି ଧରିଛି
ପାନ୍ଥଶାଳା,
ସେଥିରୁ ତାକୁ କିଛି
ମିଳୁ କି ନ ମିଳୁ
ସେସବୁର ଗଣ୍ଠିଲି ଭିତରେ ହିଁ
ତା’ର ଆନନ୍ଦ।
ନିଜକୁ ସଜେଇ ରଖିବା ପାଇଁ
ସେତକ ହିଁ ତ’ର ସମ୍ପଦ।
ପାନ୍ଥଶାଳା ଏକ ଅଫୁଟା ସକାଳ
ସବୁ ସ୍ମୃତିର ଏକ
ନରମ ଅର୍ନ୍ତଦାହ।

*–ନୟାଗଡ଼*
*ମୋ– ୯୯୩୮୩ ୦୯୬୫୨*



# ପ୍ରଥମେ ଜାହ୍ନବୀ ପରେ ସାରା


ଜାହ୍ନବୀ

**ବେ**ଳେବେଳେ ମିଳୁଥିବା ସୁବର୍ଣ୍ଣ ସୁଯୋଗକୁ ହାତଛଡା କରିବା ପରେ ପରବର୍ତ୍ତୀ ସମୟରେ ଅନୁତାପ କରିବାକୁ ପଡିଥାଏ । ଏଭଳି ନଜୀର ସିନେମା ଜଗତରେ ଅନେକ ରହିଛି । ଯେଉଁ ଅଫରକୁ କେତେକ କାରଣରୁ ହାତଛଡା କରାଯାଏ, ପରେ ତାହା ହିଟ୍ ସାବ୍ୟସ୍ତ ହୋଇଥାଏ । ଦେଖୁନାହାନ୍ତି ରୋହିତ ସେଟ୍ଟିଙ୍କ 'ଶିମ୍ବା' କଥା । ଏହାର ମେଲ୍ ଲିଡ୍‌ରେ ରଣବୀର ସିଂ ଅଭିନୟ କରିଥିଲେ । ଯେତେବେଳେ ଏହାର କାଷ୍ଟିଂ ପାଇଁ ମାରାଥନ୍ ଆଲୋଚନା ଚାଲିଥିଲା ସେତେବେଳେ ପ୍ରଥମେ ଏହାର ନାୟିକା ପାଇଁ ଜାହ୍ନବୀ କପୁରଙ୍କୁ ଟଏସ୍ କରାଯାଇଥିଲା । ରୋହିତ ମଧ୍ୟ ଏ ନେଇ ତାଙ୍କୁ ଯୋଗାଯୋଗ କରିଥିଲେ । ହେଲେ କେତେକ କାରଣରୁ ଜାହ୍ନବୀ ଏହି ଅଫରଟିକୁ ହାତଛଡା କରିଥିଲେ ପବରର୍ତ୍ତୀ ସମୟରେ ତାଙ୍କ ସ୍ଥାନରେ ସାରା ଅଲ୍ଲୀ ଖାଁଙ୍କୁ ସାଇନ୍ କରାଯାଇଥିଲା । ଏ ବିଷୟରେ ଜାହ୍ନବୀ କହନ୍ତି, 'ସେତେବେଳେ କେତେକ କାରଣରୁ ରୋହିତଙ୍କର ଫିଲ୍ମଟିକୁ ମୁଁ ହାତଛଡା କରିଥିଲି । ସେ ନେଇ ବହୁତ ଦୁଃଖ ଲାଗିଥିଲା । ହେଲେ ମୁଁ ଥିଲି ନାଚାର । ଆକ୍ଟିଂ କ୍ୟାରିୟରରେ ତ ଏଭଳି ଘଟଣା ଘଟିଥାଏ ।' ଜାହ୍ନବୀଙ୍କ ଅଭିନୀତ 'ଉଲଝ୍' ଆସନ୍ତା ମାସ ୨ରେ ରିଲିଜ ହେବାକୁ ଯାଉଛି ।

# ଜଗା ମୋ ଜଗତଜିତା


'ଜଗା ମୋ ଜଗତଜିତା' ଫିଲ୍ମରେ ଅମନ-ଶ୍ରଦ୍ଧା

**ଅ**ନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ଆଜି ପ୍ରସାରିତ ହେବ ଓଡ଼ିଆ ଚଳଚ୍ଚିତ୍ର 'ଜଗା ମୋ ଜଗତଜିତା' । ପ୍ରସାରଣ ସମୟ ହେଉଛି ସନ୍ଧ୍ୟା ୬.୩୦ । ଫିଲ୍ମଟିରେ ଭକ୍ତଙ୍କ ଅଲୌକିକ ଅନୁଭୂତିର କାହାଣୀ ରହିଛି । କାହାଣୀ ଅନୁସାରେ ଶ୍ରୀଚନ୍ଦ୍ରପୁର ଜଗନ୍ନାଥ ମନ୍ଦିର ପୂଜକ ବଟକେଶର ମିଶ୍ର ରୁହନ୍ତି ନିଜ ବିଧବା ବୋହୂ ସୁଜାତା ଓ ନାତି ଜଗା ସହିତ । ପୁଅ ସୈନିକ ହୋଇ ଦେଶ ପାଇଁ ବୀରଗତି ପ୍ରାପ୍ତ ହୋଇଛନ୍ତି । ସେପଟେ ଗାଁର ଜମିଦାରଙ୍କ ଝିଅ ଚନ୍ଦ୍ରିକା ସହ ଜଗାର ରହିଛି ପ୍ରେମ ସମ୍ପର୍କ । କିନ୍ତୁ ସମୟର କାଳଚକ୍ରରେ ଜମିଦାରଙ୍କ ମୃତ୍ୟୁ ହୋଇଛି ଓ ଚନ୍ଦ୍ରିକା ଦୂରେଇ ଯାଇଛି ଜଗା ଠାରୁ । ଜଗା ମଧ୍ୟ ଯୋଗ ଦେଇଛି ଭାରତୀୟ ସେନାରେ । ଏହାରି ଭିତରେ ଆସିଛି ମଉଡମଣି ଜଗନ୍ନାଥଙ୍କ ରଥଯାତ୍ରା ଓ କଳାଠାକୁର ଖେଳିଛନ୍ତି ଖେଳ । ତେବେ କଣ ହେବ ଆଗକୁ ? ରଥଯାତ୍ରା ହେବ ତ ? ଚନ୍ଦ୍ରିକା ଜଗାକୁ ପାଇବ ତ ? ଏହିପରି ସବୁ ପ୍ରଶ୍ନର ଉତ୍ତର ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ । ଜୀ ସାର୍ଥକ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ତଥା ଏସପିପି ପ୍ରଡକସନ୍ସ ହାଉସର ଏହି ଫିଲ୍ମର କାହାଣୀ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ଏହାର ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି ସାହୁ ଏବଂ ପ୍ରଯୋଜନା କରିଛନ୍ତି କ୍ଷୀରୋଦ ପଟ୍ଟନାୟକ । ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ । ଅମନ, ଶ୍ରଦ୍ଧା ପାଣିଗ୍ରାହୀ, ବାଦଲ ମହାନ୍ତି, ପୃଥୀରାଜ ନାୟକଙ୍କ ସହ ଓଡିଆ ଚଳଚ୍ଚିତ୍ର ଜଗତର ଅନେକ ନାମୀ ଦାମୀ କଳାକାରଙ୍କୁ ମଧ୍ୟ ଦେଖିବାକୁ ମିଳିବ ଏହି ଚଳଚ୍ଚିତ୍ରରେ ।

# ସାବାସ ଭିକି


କ୍ୟାଟ୍ରିନା


**ସ**ତରେ ପତ୍ନୀ ହେବ ତ ଏମିତି । ଦେଖୁନାହାନ୍ତି ପତିଦେବ ଭିକି କୌଶଲଙ୍କ ଆଗାମୀ ଫିଲ୍ମର ପ୍ରମୋଶନରେ ସେ କେମିତି ସହଯୋଗର ହାତ ବଢ଼ାଇଛନ୍ତି । ବିଶେଷଭାବରେ ଏହାର ଟ୍ରେଲର ଦେଖିବା ପରେ ତାଙ୍କର ଖୁସି କହିଲେ ନ ସରେ । ହେଲେ ସେ କିଏ ଜାଣିବେନି ? ଏହି ଅଭିନେତ୍ରୀ ଜଣଙ୍କ ଆଉ କେହି ନୁହଁନ୍ତି ସେ ହେଲେ କ୍ୟାଟ୍ରିନା କୈଫ । କଥା କ'ଣ ଭିକିଙ୍କ ଅଭିନୀତ 'ବ୍ୟାଡ୍ ନ୍ୟୁଜ୍'ର ଟ୍ରେଲର ନିକଟରେ ରିଲିଜ ହୋଇଛି । ଏହାକୁ ଦେଖିବା ପରେ କ୍ୟାଟ୍ରିନା ଖୁସିରେ ଆତ୍ମହରା ହୋଇପଡିଥିଲେ । ସେଠାରେ ହିଁ ଏହାର ପ୍ରଯୋଜକ, ନିର୍ଦ୍ଦେଶକ ଆଉ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ଭିକିଙ୍କୁ ଭୁରି ଭୁରି ପ୍ରଶଂସା କରିଥିଲେ । ଏ ନେଇ କ୍ୟାଟ୍ରିନା କହନ୍ତି, 'ସାବାସ ଭିକି । ଏହି ଫିଲ୍ମରେ ତୁମ ଆକ୍ଟିଂକୁ ମୁଁ ଯେତେ ପ୍ରଶଂସା କରିବି ତାହା କମ୍ ହେବ । ଟ୍ରେଲର୍ ଦେଖିବା ପରେ ମୋର ଏତିକି ଦୃଢ଼ ବିଶ୍ୱାସ ଯେ, ପରଦା ଉପରେ ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ।' ଫିଲ୍ମଟି ଚଳିତ ମାସ ୧୯ରେ ରିଲିଜ ହେବାକୁ ଯାଉଛି । ଏହାର ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ ତିୱାରୀ । ଭିକିଙ୍କ ବ୍ୟତୀତ ଏଥିରେ ତ୍ରିପ୍ତି ଡିମରି, ସାନ୍ୟା ମାଲହୋତ୍ରା, ନେହା ଧୁପିଆ, ଅନନ୍ୟା ପାଣ୍ଡେ ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ଏହି ଚଳଚ୍ଚିତ୍ର ବକ୍ସ ଅଫିସରେ କି କମାଲ କରିବ ତାହା ରିଲିଜ ପରେ ହିଁ ଜଣାପଡିବ ।

# ଟେନସନ୍‌ରେ ମୃଣାଳ


ମୃଣାଳ

**ମୃ**ଣାଳ ଠାକୁରଙ୍କର ଟେନସନ୍ ଏବେ ଟିକେ ବଢ଼ିଯାଇଛି । କାରଣ କ'ଣ ନା, ସେ ଅଭିନୟ କରୁଥିବା ଏକ ଅନଟାଇଟଲଡ୍ ଫିଲ୍ମରେ କେତୋଟି ଅଯଥା ଦୃଶ୍ୟ ଯୋଡାଯାଉଛି । ପ୍ରଥମେ ଯେତେବେଳେ ସେ କାହାଣୀ ଶୁଣିଥିଲେ ସେତେବେଳେ ଚିତ୍ରନାଟ୍ୟରେ ଏସବୁ ନ ଥିଲା । କିନ୍ତୁ ଶୁଟିଂ ପାଖାପାଖି ୪୦ ଭାଗ ଶେଷ ହେବା ପରେ କାହାଣୀରେ କିଛି ପରିବର୍ତ୍ତନ କରାଯାଇଛି । ଆଉ ଏଥିରେ କେତୋଟି ନୂଆ ଦୃଶ୍ୟ ଯୋଡାଯିବ, ଯାହା ମୃଣାଳଙ୍କ ପାଇଁ ଟେନସନ ସାଜିଛି । ଏ ନେଇ ସେ କହନ୍ତି, 'ଏବେ ଫିଲ୍ମର ମୂଳ କାହାଣୀରେ କିଛି ପରିବର୍ତ୍ତନ କରାଯାଇଛି । ତେଣୁ ମୋତେ ଏବେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ । ସତ କଥା ହେଲା, ଏସବୁ ବିଷୟରେ ମୋତେ ପୂର୍ବରୁ କିଛି ସୂଚନା ଦିଆଯାଇ ନ ଥିଲା । ଅବଶ୍ୟ ଏସବୁ ଦୃଶ୍ୟର ଶୁଟିଂ ଚଳିତ ମାସ ଶେଷ ସପ୍ତାହକୁ ହେବ । ତେଣୁ ଏହା ଭିତରେ ସମୟ ଅଛି, ମୁଁ ଏ ବିଷୟରେ ନିର୍ଦ୍ଦେଶକ ଏବଂ ପ୍ରଯୋଜକଙ୍କ ସହ ଭଲ ଭାବରେ ଆଲୋଚନା କରିବି । ଯଦି କାହାଣୀକୁ ସଂଯୋଗ କରିବା ଭଳି କିଛି ଶଟ୍ ଦେବାକୁ ପଡେ ତେବେ ହୁଏତ ରାଜି ହୋଇପାରେ । ହେଲେ ଅଯଥାରେ ଏଭଳି ଶଟ୍ ଦେବାକୁ ମୁଁ କଦାପି ରାଜି ହେବି ନାହିଁ ।' ତେବେ ମୃଣାଳ ଏ ନେଇ କି ନିଷ୍ପତ୍ତି ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ଅକ୍ଷୟଙ୍କ ବଦାନ୍ୟତା


ଅକ୍ଷୟ କୁମାର

**ବ**ଲିଉଡ୍‌ରେ ଅକ୍ଷୟ କୁମାର ଅନେକ ସମୟରେ ଚର୍ଚ୍ଚରେ ରହିଥାଆନ୍ତି । ଆକ୍ସନ ଭୂମିକାରୁ କ୍ୟାରିୟର ଆରମ୍ଭ କରିଥିବା ଏହି ଅଭିନେତା ଇତିମଧ୍ୟରେ ନିଜକୁ ଜଣେ ଅଲରାଉଣ୍ଡର ଭାବରେ ପ୍ରତିପାଦନ କରିସାରିଛନ୍ତି । ଏବେ ବଲିଉଡ୍‌ରେ ତାଙ୍କ ବଦାନ୍ୟତାକୁ ନେଇ ଧୂମ ଆଲୋଚନା ହେଉଛି । ଅସଲ କଥା ହେଲା ବର୍ତ୍ତମାନ ସେ ଅଭିନୟ କରୁଥିବା 'ୱେଲକମ୍ ଟୁ ଦ ଜଙ୍ଗଲ'ର ଶୁଟିଂ କାଶ୍ମୀରରେ ଚାଲିଛି । ଶୁଟିଂ ସମୟରେ ତାଙ୍କ ମନକୁ ଏକ ନୂଆ ଆଇଡିଆ ଜୁଟିଥିଲା । କାଳବିଳମ୍ବ ନ କରି ସେ ଏହାକୁ ନିର୍ଦ୍ଦେଶକ ଅହମ୍ମଦ ଖାଁଙ୍କୁ କହିଥିଲେ । ସେହି ଆଇଡିଆଟି କ'ଣ ଥିଲା ଜାଣିବେନି ? ଏ ନେଇ ଅକ୍ଷୟ କୁମାର କୁହନ୍ତି, ''ଥରେ ଶୁଟିଂରେ ଲଞ୍ଚ ବ୍ରେକ୍ ହୋଇଥାଏ । ଏହି ସମୟରେ ମୁଁ ଭାବିଲି ଯଦି ଏହି ଶୁଟିଂକୁ କିଛି ଦର୍ଶକଙ୍କୁ ଦେଖା ଯିବାର ବ୍ୟବସ୍ଥା କରାଯାଆନ୍ତା, ତାହେଲେ କେମିତି ହୁଅନ୍ତା ! ଏହାପରେ ମୋ ମନର କଥା ମୁଁ ନିର୍ଦ୍ଦେଶକଙ୍କୁ କହିଲି । ସେ ଏହାକୁ ପ୍ରଶଂସା କଲେ । ତା'ପରେ ମୁଁ ପାଖାପାଖି ୧୨୦୦ ଲୋକ କିପରି ଶୁଟିଂ ଦେଖିପାରିବେ ସେ ବ୍ୟବସ୍ଥା କରାଇଲି । ସେମାନଙ୍କୁ ନବା-ଆଣିବା, ଖାଇବା-ପିଇବା ଆଦିର ବନ୍ଦୋବସ୍ତ କରାଗଲା । ସେମାନେ ଆସି ଶୁଟିଂ ଦେଖିଲେ ଆଉ ଖୁସି ମନରେ ଫେରି ଯାଇଥିଲେ ।'' 'ୱେଲକମ୍ ଟୁ ଦ ଜଙ୍ଗଲ' ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ-ଅପରାଧ ଦୁନିଆରେ ରାଜ୍ କରୁଥିବା ସୋଲାଙ୍କିକୁ ଧରିବା ଲାଗି ଜଣେ ପୋଲିସ ଅଫିସର କିପରି ଚେଷ୍ଟା କରୁଛନ୍ତି ଏବଂ ଶେଷରେ ସେ କେମିତି ସଫଳ ହେଉଛନ୍ତି । ଏଥିରେ ଅକ୍ଷୟଙ୍କ ବ୍ୟତୀତ ସୁନୀଲ ସେଟ୍ଟି, ସଞ୍ଜୟ ଦତ୍ତ, ଦିଶା ପଟାନି, ଜ୍ୟାକଲିନ୍ ଫର୍ନାଣ୍ଡିସ, ଅଫତାବ ଶିବଦାସାନୀ, ଲାରା ଦତ୍ତା, ତୁଷାର କପୁର, ପରେଶ ରାୱଲ, ଜନି ଲିଭର, ରବିନା ଟଣ୍ଡନ ଏବଂ ଶ୍ରେୟାଶ ତଲପାଡେ ଆଦି ପ୍ରମୁଖ କଳାକାର ଅଭିନୟ କରୁଛନ୍ତି ।

# କେବଳ ଫରହାଙ୍କ ପାଇଁ...


ଦୀପିକା

**ବ**ଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତ୍ରୀଙ୍କ ମଧ୍ୟରେ ଦୀପିକା ପାଦୁକୋନ ଅନ୍ୟତମ । ତାଙ୍କ ଅଭିନୀତ ମଲ୍‌ଟି-ଷ୍ଟାରର ଫିଲ୍ମ 'କଲ୍‌କୀ-୨୮୯୮ଏଡି' ଗତ ମାସ ୨୭ରେ ରିଲିଜ ହୋଇ ଦିନ କେଇଟାରେ ୬୦୦କୋଟି ବିଜନେସ୍ କରିସାରିଲାଣି । ଦୀପିକାଙ୍କ ପ୍ରଥମ ହିନ୍ଦୀ ସିନେମା ଥିଲା 'ଓମ୍ ଶାନ୍ତି ଓମ୍', ଯାହାର ନିର୍ଦ୍ଦେଶନା ଦେଇଥିଲେ ଫରହା ଖାଁ ଆଉ ନାୟକ ସାଜିଥିଲେ ଶାହରୁଖ । ତେବେ ଏହି ଫିଲ୍ମର ନାୟିକା ଭାବରେ ଚୟନ ହେବା ପଛରେ ଏକ ମଜାଦାର କଥା ଲୁଚି ରହିଛି । ଏକଦା ହିମେଶ ରେଶମିଆଁଙ୍କ ଭିଡିଓ ଆଲବମ୍ 'ନାମ୍ ହେ ତେରା'ର ଶୁଟିଂ ଚାଲିଥାଏ । ଏହି ସମୟରେ ସେଠାରେ ଫରହା ପହଞ୍ଚି ଦୀପିକାଙ୍କୁ ଦେଖିବା ପରେ ସତେ ଯେମିତି ତାଙ୍କୁ ଖୋଜିବା ଚିଜ ମିଳିଯାଇଥିଲା । ଡେରି ନ କରି ସେ ତାଙ୍କୁ ନିଜ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦେଇଥିଲେ । ଏଭଳି ସୁଯୋଗକୁ ଦୀପିକା ମଧ୍ୟ ହାତଛଡା କରି ନ ଥିଲେ । ଏ ନେଇ ସେ କହନ୍ତି, 'ଯେତେବେଳେ ମୋତେ ଏହି ଅଫର ମିଳିଲା ସେତେବେଳେ ମୁଁ ବିଶ୍ୱାସ କରିପାରି ନ ଥିଲି ଯେ, ମୁଁ ଶାହରୁଖଙ୍କ ପରି ଷ୍ଟାରଙ୍କ ନାୟିକା ଭୂମିକାରେ ଅଭିନୟ କରିବି । ଯାହାହେଉ ଆମ ଯୋଡିକୁ ଦର୍ଶକ ଗ୍ରହଣ କଲେ । ଆଉ ଏସବୁ ସମ୍ଭବ ହୋଇଥିଲା କେବଳ ଫରହାଙ୍କ ପାଇଁ । ସେ ଯଦି ମୋତେ ସେଦିନ ସ୍ପଟ ଆଉଟ କରି ନ ଥାନ୍ତେ ତେବେ ହୁଏତ ବଲିଉଡ୍‌ରେ ଏଣ୍ଟ୍ରି ମୋର ବିଳମ୍ବ ହୋଇଥାଆନ୍ତା ।'

# ପ୍ରଥମ ରୋଜଗାରରେ ମିଳିଥିଲା ବୋଉର ଲୁହବୋଳା ଚୁମା

## ପ୍ରଥମ ରୋଜଗାର



ବିଶିଷ୍ଟ ଲେଖିକା ତଥା ଡାକ୍ତର **ମଞ୍ଜୁବାଳା ପଣ୍ଡା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ନିଜ ପରିଶ୍ରମର ମୂଲ୍ୟ ସ୍ୱରୂପ କିଛି ଉପାର୍ଜନ କରିବାକୁ ଯଦି ରୋଜଗାର କୁହାଯାଏ – ହଁ, ମୋ ରୋଜଗାର ଅୟମାରମ୍ଭ ହେଇଥିଲା ମୋ କିଶୋରୀ ବୟସରେ। ଷାଠିଏ ଦଶକର କଥା। ମୁଁ ହାଇସ୍କୁଲରେ ପଢୁଥାଏ। ବୃତ୍ତିରେ ସଂସ୍କୃତ ପଣ୍ଡିତ ଥିବା ମୋ ନନା ମାତ୍ର ବାବନ ବର୍ଷ ବୟସରେ ଅକାଳରେ ଚାଲିଯାଇଥିଲେ। ଘରେ ବୋଉ, ଭାଇନା, ଭାଉଜ ଓ ଆମେ ଚାରି ଭାଇଭଉଣୀ ମିଶି ସାତ ଜଣ। ବଡ଼ ନାନୀର ବାହାଘର ଅନେକ ଆଗରୁ ସରିଯାଇଥିଲା। ବଡ଼ କୁଟୁମ୍ବକୁ ଉପାର୍ଜନକ୍ଷମ ମଣିଷ ବୋଇଲେ ଭାଇନା ଜଣେ। ସେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ କାମ କରୁଥିଲେ। ଦରମା ବୋଧେ ମାସିକ ଦୁଇଶହ ଅଶୀ କି ତିନିଶ' ଟଙ୍କା। ଠିକ୍ ମନେ ପଡୁନି। ମାସର ପହିଲା ତାରିଖରେ ପୂରା ଦରମାଟି ବୋଉ ହାତରେ ଧରେଇଦେଲେ ଭାଇନାଙ୍କ କାମ ଶେଷ। ଏତିକି ପଇସାରେ ବୋଉ କଷ୍ଟେମଷ୍ଟେ ଘର ଚଳାଏ। ଅବଶ୍ୟ ସେ ବେଳେ ଖୁବ୍ ଶସ୍ତା ଯୁଗ ଥିଲା। ତଥାପି ବି ଆଖିଦୃଶିଆ ଅଭାବ ହୁଏ। ଉପୁରିଆ ଖର୍ଚ୍ଚ କିଛି ଦରକାର ପଡିଲେ କେତେବେଳେ ବୋଉ ହାତରୁ ସୁନା ଚୂଡି ପଟେ ତ କେତେବେଳେ ତା' ବେକ ମାଳୀରୁ ଖଣ୍ଡେ ବନ୍ଧା ପଡେ। କେବେ ମୁକୁଳେଇ ହେଇ ନ ପାରିବା ଭଳି ବନ୍ଧକ ସିଏ ଥିଲା ବୋଲି ଖୁବ୍ ଡେରିରେ ବୁଝିଥିଲି ମୁଁ। ସେ ବେଳେ ଆମେ ପିଲାମାନେ ତିନି ବେଳା ଭାତ ଖାଉଥିଲୁ। ଏତେ ଭୋକ! ବାପ୍ ରେ ବାପ୍!! ବସ୍ତେ ଚାଉଳ ଘରକୁ ଆସିଲେ ବୋଧେ ଦି' ମାସ ଯାଏନି କି କ'ଣ। ମାସ ସରିବାକୁ ଦଶ କି ପନ୍ଦର ଦିନ ବାକି ଥିବ – ଚାଉଳ ସରିଯିବ। ପୁଣି ବାକିଆ ରଖି ଖୁଚୁରା ବଜାରରୁ କିଣି ଆଣିବାକୁ ପଡେ। ଆଉ ଅଲଗା କିଛି ଜିନିଷ ନ ଥିଲେ ସିନା କୋଉଠୁ କେମିତି କ'ଣ କରି ଚଳେଇହବ, ଚାଉଳ ନ ହେଲେ ଯେ ସଂସାର ନ ଚଳେ!। ସେ ବେଳେ ସୁସଂହତି, ସୁସଂଗତି ଓ ସୁସଂସ୍କୃତିର ସହର ଥିଲା ରାଉରକେଲା। ସଭିଏଁ ଖୁବ୍ ମିଳିମିଶି ଚଳୁଥିଲେ। ଭାଇଚାରା, ଭାବଦୋସ୍ତିର ଅଭାବ ନ ଥିଲା। ଆମ କ୍ୱାର୍ଟର୍ ବାଁ ପଟେ କବି ଭାଇନା ଘର ଓ ଡାହାଣ ପଟେ ମଲ୍ଲିକ୍ ଭାଇନା ଘର ରହୁଥିଲେ। ଆଉ ସାମ୍ନାର ଛ'ଟି ଯାକ ପରିବାର ବେଙ୍ଗଲୀ। ସେମାନେ ସବୁ ଆମ ଦାଦା, ବୌଦି। ମୋ ବୋଉ ସ୍ୱଳ୍ପଶିକ୍ଷିତା ହେଲେ ବି ଖୁବ୍ ସଂସ୍କାରୀ ଓ ଜ୍ଞାନୀ ଥିଲା। ତେଣୁ ସାହି ଯାକର ସମସ୍ତେ ମୁରବୀ ଭଳି ମାନୁଥିଲେ ତା'କୁ। ଆଖପାଖର ସବୁ ପିଲାଙ୍କ ଭିତରେ ମୁଁ ସବୁଠାରୁ ଭଲ ପଢୁଥିଲି। ମୁଁ ଶ୍ରେଣୀରେ ପ୍ରଥମ ହେବା ଥୟ। ତେଣୁ ମୁଁ ସବୁ ଭାଇନା ଓ ଦାଦା ମାନଙ୍କର ଭାରି ଗେହ୍ଲା ଥିଲି। ହଠାତ୍ ଦିନେ ମଲ୍ଲିକ୍ ଭାଇନା କ'ଣ ଭାବି ବୋଉକୁ ପଚାରିଲେ – ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ତାଙ୍କର ଦୁଇ ଝିଅ, ରୀନା ଓ ସୀମାଙ୍କୁ ମୁଁ ସମୟ ବାହାର କରି ସନ୍ଧ୍ୟାରେ ଘଣ୍ଟାଏ ଲେଖାଏଁ ପଢେଇ ପାରିବିକି। ପ୍ରକୃତରେ ମୁଁ ଟିକେ ଦୁଷ୍ଟ ଥିଲି। ସନ୍ଧ୍ୟାରେ ମୋଟେ ପାଠଶାଠ ପଢ଼େନି। ଲୁଚେଇ ଲୁଚେଇ ଗପ ବହି ପଢ଼ିବା ମୋର ଏକମାତ୍ର କାମ ଥିଲା। ତେଣୁ ବୋଉ କହିଲା – ''ଏମିତିରେ ତ ସେ ଚଗଲିଟା। ଘରେ ଖୁଜୁରୁବୁଜୁରୁ ହଉଥାଏ। କାନ୍ଥ ଏ ପଟେ ରହିବା ବଦଳରେ କାନ୍ଥ ସେପଟେ ବସି ଘର ପିଲାଙ୍କୁ ପଢେଇବ। ତା' ଇଚ୍ଛାର କଥା। ମୋର ଆପତ୍ତି ନାହିଁ ଏଥିରେ''। ମୋ କାନରେ ଏ କଥା ପଡିଲା କ୍ଷଣି ମୁଁ ଖୁସିରେ ଡେଇଁଲି। ଏ କଥା ଶୁଣି ସାମ୍ନା ଘର ଚକ୍ରବର୍ତ୍ତୀ ବୌଦି ଅନୁରୋଧ କଲେ ତାଙ୍କ ଦି' ପିଲାଙ୍କୁ ବି ପଢେଇବା ପାଇଁ। ଝିଅ ରୁନା ପ୍ରଥମ ପଢୁଛି ଓ ପୁଅ ରାନା ଅକ୍ଷର ଶିଖିବ – ଆସନ୍ତା ବର୍ଷକୁ ସ୍କୁଲ୍ ଯିବ ବୋଲି। ହେଲେ ବଙ୍ଗଳା କେମିତି ପଢେଇବି ମୁଁ? ବୌଦି କହିଲେ – ତମେ ବଙ୍ଗଳା ଭଲ କହିପାର। ବଙ୍ଗାଳୀ ଲିପି ପ୍ରାୟ ହିନ୍ଦି ଭଳି। ଅତଏବ୍ ତମେ ପାରିବ। ସ୍ଥିର ହେଲା – ଆସନ୍ତା ମାସ ଏକ ତାରିଖରୁ ସେ ଦୁଇ ଘରେ ଦୁଇ, ଦୁଇ କରି ଚାରୋଟି ପିଲାଙ୍କୁ ପଢେଇବି ମୁଁ। ଘଣ୍ଟାଏ ଲେଖାଏଁ। ଏକ ତାରିଖ ମାନେ ଟ୍ୟୁସନ୍ ପାଇଁ ଆହୁରି ତିନିଦିନ ବାକି। ମୋର 'ନିଜେ ପଢି – ପଢେଇବା' ମିଶନ୍ ଆରମ୍ଭ ହେଲା। ରୁନାର ପ୍ରଥମ ଶ୍ରେଣୀର ବହି ଆଣି ନିଜେ ବଙ୍ଗଳା ଅକ୍ଷର ଓ ଶବ୍ଦ ତକ ଭଲକରି ଶିଖିନେଲି। ସେମାନଙ୍କୁ ପଢେଇବା ସମୟରେ ବାକି ତକ ବି ଶିଖି ହେଇଯିବ ଆପେଆପେ।

ଫ୍ରକ୍ ପିନ୍ଧା କୁନି ମାଷ୍ଟ୍ରାଣୀ ପାଠ ପଢେଇବା ଆରମ୍ଭ କଲେ। ବାବୁରି ବାଳକୁ ଛତିଶ କେଜି ଓଜନ। କିନ୍ତୁ ପଢେଇବା ଷ୍ଟାଇଲ୍ ଏକଦମ୍ ସିରିଅସ୍। ଏକାସାଙ୍ଗେ ଘୋରି, ବାଟି, ପିଆଇବା ଭଳି କଥା। ମୁଁ ଫାଷ୍ଟ ହଉଛି ମାନେ ତୁମେ ତିନି ଜଣ ବି ଅଲବତ୍ ଫାଷ୍ଟ ହେବ। ସେ ଛୋଟିଆ ରାନା କଥା ଛାଡ଼। ବିଚରା ତ ଅକ୍ଷର ଶିଖୁଛି। ସତରେ ସେ ତିନି ଜଣ ପରେ ବାର୍ଷିକ ପରୀକ୍ଷାରେ ପ୍ରଥମ ହୋଇଥିଲେ ନିଜ ନିଜ ଶ୍ରେଣୀରେ। ମାସ ପୁରିଲା। ପର ମାସର ପହିଲା ତାରିଖ ଦିନ ମଲ୍ଲିକ ଭାଉଜ ମୋତେ ଦୁଇ ଝିଅର ଟ୍ୟୁସନ୍ ଫିସ୍ ବାବଦକୁ ଦେଲେ ବାର ଟଙ୍କା। ବୌଦି ଦେଲେ ତେର ଟଙ୍କା। ସର୍ବମୋଟ ପଚିଶ ଟଙ୍କା। ଅବଶ୍ୟ ସେ ବେଳେ ଟ୍ୟୁସନ୍ ସାର୍ ମାନେ ବି ଜଣକ ପିଛା ମାସିକ ଦଶ ଟଙ୍କା ହିଁ ନେଉଥିଲେ। ମୁଁ ନୂଆ, କୁନି ମାଷ୍ଟ୍ରାଣୀ, ପୁଣି ଘରଲୋକ। ତେଣୁ ମୋ ଭାଉ ସାମାନ୍ୟ କମ୍। ବୀର ଭଳି ବୋଉକୁ ଆଣି ଧରେଇଦେଲି ପଚିଶ ଟଙ୍କା। ଛଳଛଳ ଆଖିରେ ବୋଉ ଚୁମା ଦେଲା ମୋତେ। ବୋଉ କାନ୍ଦିଲେ ସେ ଦିନଗୁଡ଼ିକରେ ମୋତେ ବି କାନ୍ଦ ମାଡୁଥିଲା ଭାରି ଜୋର୍। ବୋଉ କାଳେ ମୋ ଲୁହ ଦେଖିଦବ ବୋଲି ଗୋଟେ ଡିଆଁରେ ଦାଣ୍ଡରେ ଯାଇ ହାଜର୍। ସେ ବେଳେ ଚାଉଳ ବସ୍ତା ପଚାଶ ଟଙ୍କା। ମୋର ମନେ ଅଛି – ଅଧାବସ୍ତା ଚାଉଳ ଆସିଥିଲା ଘରକୁ। ବୋଉ କହିଲା – ଏଇ ଟିକକ ଥିଲେ ବାକି ଜିନିଷ ନ ଥିଲେ ବି କାମ ଚଳିଯିବ। ଆହା! ପ୍ରଥମ ରୋଜଗାରର ସେଇ ପଚିଶ ଟଙ୍କା!! ସେ ଯେଉଁ ଖୁସି ଦେଇଥିଲା ସେଦିନ – ଆଜିର ପଚିଶ ଲକ୍ଷ ବି ସେତିକି ଆନନ୍ଦ ଦବନି। ସତରେ! ଆଜି ଏତେ ବର୍ଷ ପରେ ସେ କଥା ଲେଖିବାବେଳକୁ ବୋଉର ଲୁହବୋଳା ଚୁମା ମନେ ପଡୁଛି ମୋର। ବୋଉ କୋଉକାଳୁ ଆକାଶର ତାରା। ଅକ୍ଷର ଟାଇପ୍ କରୁଥିବା ଆଙ୍ଗୁଠି ମୋର ନୋଟ୍ ପ୍ୟାଡ୍ ଛାଡି ଆସି ମୋ ଗାଲ ଛୁଉଁଛି ଏଇନା। ସେଇ ଛୁଆଁ ଖୋଜୁଛି ବୋଧେ। ଠସ୍ ଠସ୍ ଲୁହ ଖସିପଡୁଛି ବୋଉ–ମନସ୍କ ମୋ ବୟସ୍କ ଆଖିରୁ।

ସାଥୀ

# ସୁନ୍ଦରୀ ହସରେ ଅନେକ କଥା, ଘଡିକେ ଘୁରାଇ ଦିଅଇ ମଥା



**ପ୍ରଶ୍ନ–** ମୁଁ କଲେଜରେ ପଢ଼ିବା ସମୟରେ ଜଣେ ଝିଅ ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲା ବେଳକୁ ସେ ମୋଠାରୁ ବୟସରେ ବଡ। ଏବେ କ'ଣ କରିବି ଜାଣିପାରୁନି? *–କମଳ କୁମାର, ଅନୁଗୋଳ*

**ଉତ୍ତର:** ଏପରି ପ୍ରେମ ଆରମ୍ଭ କରିବା ପୂର୍ବରୁ ଆପଣ ଏବଂ ସେହି ଝିଅ ମଧ୍ୟରେ ବୟସର ପାର୍ଥକ୍ୟ କେତେ ଦେଖି ନିଅନ୍ତୁ। ନ ହେଲେ ପରବର୍ତ୍ତୀ ସମୟରେ ଏହା ଏକ ପ୍ରମୁଖ ସମସ୍ୟା ହୋଇ ଠିଆ ହୋଇପାରେ। ତେବେ ଏଭଳି ଘଟଣା ଆପଣଙ୍କ କଲେଜ ଜୀବନ ଆରମ୍ଭ ନା ଶେଷରେ ଘଟିଛି ତାହା ଲେଖିଲେ ନାହିଁ। ଏପରି ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ନ ହେଲେ କେତେବେଳେ ଏହି ପ୍ରେମର ମୀନାର୍‌ଟି ଭୁଷୁଡି ପଡିବ ତାହା ଜାଣିପାରିବେ ନାହିଁ।

**ପ୍ରଶ୍ନ–** ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। ହେଲେ ଘଟଣା ଆଗକୁ ଆଗଉ ନାହିଁ। କ'ଣ କରିବି? *–ବିଜୟ ରାଉତ, ରାଉରକେଲା*

**ଉତ୍ତର:** ଆପଣଙ୍କ ପ୍ରେମରେ କେଉଁଠି କେଁ ରହିଯାଉଛି। ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେ ଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ–** ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ହେଲେ ମୋ ଆଖିରେ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ସେହି ହସରେ କ'ଣ ପ୍ରେମ ରହିଛି? *–ସନ୍ଦୀପ, ପୁରୀ*

**ଉତ୍ତର:** ସେହି ସୁନ୍ଦରୀର ଲାଜଭରା ଚାହାଣୀରେ ପ୍ରେମ ଲୁଚି ରହିଛି। 'ସୁନ୍ଦରୀ ହସରେ ଅନେକ କଥା, ଘଡିକେ ଘୁରାଇ ଦିଅଇ ମଥା।' କିନ୍ତୁ ସେହି ଲାଜକୁ ଯଦି ତର୍ଜମା କରି ତାହାର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରୁଛନ୍ତି କାହିଁକି? ହୁଏତ ଡେରି ହେଲେ ଚାନ୍ସଟା ଆଉ କିଏ ମାରିନେଇପାରେ! ପୁଣି ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ଆଖି ସହ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ବାସ୍, ଏପରି ସୁଯୋଗକୁ ଆଦୌ ହାତଛଡା କରନ୍ତୁ ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେ ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟର ଗୋଟିଏ କୋଣରେ ଆପଣ ପରମାନେଣ୍ଟ ଘର କରିପାରିବେ।

**ପ୍ରଶ୍ନ–** ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି? *–ତପନ କୁମାର, ସୁନାବେଡା*

**ଉତ୍ତର:** ଜଣେ ଝିଅର ମାନସିକତାକୁ ତର୍ଜମା କରିବା ଏତେ ସହଜ କଥା ନୁହେଁ। କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ଆଉ ସେଥିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ ଥିବା କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ।

**ପ୍ରଶ୍ନ–** ମୋ ପ୍ରେମିକା ମୋତେ ଧୋକା ଦେଇ ଚାଲିଗଲା। ତାକୁ ମୁଁ ଭୁଲି ପାରୁନି। ମୁଁ ଯଦି ପୁଣି ଥରେ ମୋ ନୂଆ ପ୍ରେମ ଆରମ୍ଭ କରେ ତାହା ଠିକ୍ ହେବ ତ? *–ଅମରେନ୍ଦ୍ର, କଟକ*

**ଉତ୍ତର:** ପ୍ରେମରେ ଧୋକା ଖାଇବା ପରେ ତାହାକୁ ମନେ ରଖିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। କାରଣ ସେହି ପ୍ରେମକୁ ଯେତେ ମନେ ପକାଇବେ ତାହା ଆପଣଙ୍କ ମନକୁ ସେତେ ଆଘାତ ଦେବ। ଯଦି ନୂଆ ପ୍ରେମ ଆରମ୍ଭ କରିବାକୁ ମାଇଣ୍ଡ ମେକଅପ କରିଛନ୍ତି ତେବେ ପ୍ରଥମେ ତାହାର ମୁଳୁଦୂଆ ଦୃଢ଼ କରନ୍ତୁ। ନୂଆ ପ୍ରେମିକା ଯେମିତି ଅଧା ବାଟରେ ଧୋକା ଦେଇ ଚାଲି ନ ଯାଏ ତାହାର ବ୍ୟବସ୍ଥା ଆରମ୍ଭରୁ କରିନିଅନ୍ତୁ।







# ପିଜ୍ଜାପ୍ରିୟଙ୍କ ପାଇଁ...

**ପିଜ୍ଜା ଅନେକଙ୍କର ପସନ୍ଦ। କେହି କେହି ତ ଏହା ପାଇଁ ପାଗଳପ୍ରାୟ ହୋଇଥାନ୍ତି। ଦିନରେ ରାତିରେ ସବୁ ସମୟରେ ପିଜ୍ଜା ଖାଇବାକୁ ପସନ୍ଦ କରନ୍ତି। ପିଜ୍ଜାର ଚିତ୍ର ଦେଖିଦେଲେ ବି ସେମାନଙ୍କ ପାଟିରୁ ଲାଳ ଗଡ଼ିଯାଏ। ଖାସ୍ ଏହିଭଳି ପିଜ୍ଜାପ୍ରିୟ ମଣିଷଙ୍କ ପାଇଁ ଅଛି ଏମିତି କିଛି ପିଜ୍ଜା ଥିମ୍ ଜିନିଷ, ଯାହାକୁ ସେମାନେ ଦୈନନ୍ଦିନ ଜୀବନରେ ବ୍ୟବହାର କରି ପିଜ୍ଜାକୁ ସବୁବେଳେ ପାଖରେ ଥିବାର ଅନୁଭବ କରିପାରିବେ...।**










**ପିଜ୍ଜା ଗାଉନ:** ନର୍ଥ କାରୋଲିନାର କଷ୍ଟ୍ୟୁମ୍ ଡିଜାଇନର୍ ଓଲିଭିଆ ମିୟର୍ସ ତିଆରି କରିଛନ୍ତି ଏହି ଗାଉନ୍‌କୁ। ଗାଉନ୍‌ଟି ଦେଖିବାକୁ ଭାରି ସୁନ୍ଦର। ପିଜ୍ଜାର ନାନା ପ୍ରକାରର ଟପିଂସ୍ ଏଥିରେ ଦେଖିବାକୁ ମିଳେ। ତେଣୁ ତାକୁ ଖାଇଯିବାକୁ ବି ଇଛା ହେବ। ଗାଉନ୍ ତଳଭାଗର ଓସାର ଏକ ଡବଲ ବେଡ୍‌ର ଓସାର ପରି। ଓଲିଭିଆ ଏହାକୁ ବିଛାଇ ଆରାମରେ ଶୋଇଥିବା ଏକ ଫଟୋରେ ଦେଖିବାକୁ ମିଳେ। ସେ ଏହାକୁ ଡୋମିନୋସ୍ ପିସ୍ ଅଫ୍ ଦ ପାଇ କଣ୍ଟେଷ୍ଟ ଲାଗି ତିଆରି କରିଥିଲେ।

**ଫ୍ଲୋଟିଂ ବେଡ୍:** ସୁଇମିଂ ପୁଲ୍‌ରେ ରିଲାକ୍ସ ହୋଇ କିଛି ସମୟ ବିତାଇବା ଲାଗି ଅନେକେ ଫ୍ଲୋଟିଂ ବେଡ୍‌ରେ ବିଶ୍ରାମ ନିଅନ୍ତି। ତା'ସହ ନିଜ ମନପସନ୍ଦର ଡ୍ରିଙ୍କ୍ ବି ପିଅନ୍ତି। ତେବେ ଯଦି ଏହି ଫ୍ଲୋଟିଂ ବେଡ୍ କିଛି ଖାସ୍ ହୋଇଥାଏ ତା'ହେଲେ ମଜା ଆହୁରି ବଢ଼ିଯାଏ। ଖାସ୍ ପିଜ୍ଜା ଲଭରଙ୍କ ପାଇଁ ତିଆରି ହୋଇଛି ପିଜ୍ଜା ସ୍ଲାଇସ୍ ପରି ଫ୍ଲୋଟିଂ ବେଡ୍। ସୁଇମିଂ ପୁଲ୍‌ରେ ଏହା ଉପରେ ବିଶ୍ରାମ ନେବାବେଳେ ପିଜ୍ଜାପ୍ରେମୀଙ୍କୁ କେମିତି ଅନୁଭବ ହେବ ତାହା କେବଳ ସେଇମାନେ ହିଁ କହିପାରିବେ।

**ସୁଜ୍:** ଦେଖିବାକୁ ଭାରି କ୍ୟୁଟ୍ ଲାଗେ ପିଜ୍ଜା ଥିମ୍‌ର ଏହି ସୁଜ୍। ଛୋଟ ପିଲାଙ୍କଠୁ ଆରମ୍ଭକରି ବଡ଼ମାନଙ୍କୁ ବି ଏହା ବହୁତ ପସନ୍ଦ ଆସିବ। ପାଦକୁ ବି ଏହା ବେଶ୍ ଆରାମଦାୟକ। ଏହାକୁ ଘରେ ପିନ୍ଧିବାକୁ ଭଲ ଲାଗିବ।

**ସକ୍ସ:** ଏହା ଦେଖିବାକୁ ପେପରୋନି ପିଜ୍ଜା ପରି। ହେଲେ ପାଦ ପାଇଁ ବେଶ୍ ଆରାମଦାୟକ। ପିଜ୍ଜା ଲଭରଙ୍କୁ ଏହା ଭଲ ଲାଗିପାରେ। ହେଲେ ସାଧାରଣ ଲୋକ ହୁଏତ ପିନ୍ଧିବେ ନାହିଁ।

**ହ୍ୟାଟ୍:** ଏହି ହ୍ୟାଟ୍ ବି ଭାରି କ୍ୟୁଟ୍। ରୋଷେଇ କଲାବେଳେ ଏହାକୁ ପିନ୍ଧିପାରିବେ। ଆଉ ଯଦି ପିଜ୍ଜା ପ୍ରସ୍ତୁତ କରୁଛନ୍ତି, ତେବେ ତ ଏହାକୁ ପିନ୍ଧି କଲେ ପିଜ୍ଜା କରିବା ମଜାଦାର ହେଇଯିବ। ତା'ସହ ଏହି ହ୍ୟାଟ୍ ପିନ୍ଧି ସୁନ୍ଦର ସେଲ୍ଫି ବି ନେଇପାରିବେ।

**ବେଡ୍‌ଶିଟ୍:** ବେଡ୍‌ରେ ପିଜ୍ଜା ଥିମ୍‌ର ଏହି ବେଡ୍‌ଶିଟ୍ ପକାଇ ଶୋଇଲେ ପିଜ୍ଜା ଲଭରଙ୍କୁ ନିଶ୍ଚିତଭାବେ ଭଲ ନିଦ ହେବ। ଆଉ ପିଜ୍ଜାର ସ୍ୱପ୍ନ ବି ଦେଖିବେ।

**ସ୍ଲିପିଂ ବ୍ୟାଗ୍:** ଦେଖିବାକୁ ଏହା ପିଜ୍ଜାର ଏକ ବଡ଼ ସ୍ଲାଇସ୍ ଭଳି ଲାଗିବ। ହେଲେ ପ୍ରକୃତରେ ଏହା ଏକ ସ୍ଲିପିଂ ବ୍ୟାଗ୍। ତେଣୁ ଏବେ ବୋରିଂ ସ୍ଲିପିଂ ବ୍ୟାଗ୍‌କୁ ଛାଡି ଚିଜ୍, ଟମାଟୋ, ଛତୁ ପରି ନାନା ପ୍ରକାରର ସ୍ୱାଦିଷ୍ଟ ଟପିଂସ୍ ଥିବା ଏହି ସ୍ଲିପିଂ ବ୍ୟାଗ୍ ଆପଣେଇ ପାରିବେ।

**ପାୱାର ବ୍ୟାଙ୍କ:** ସ୍ମାର୍ଟଫୋନ୍, ସ୍ମାର୍ଟ ୱାଚ୍ ଆଦିକୁ ଚାର୍ଜ କରିବା ପାଇଁ ପାୱାର ବ୍ୟାଙ୍କ ବ୍ୟବହାର କରାଯାଏ। ତେବେ ଏହା ଯଦି ଟିକେ ଫଙ୍କି ହୋଇଥାଏ, ଏହାକୁ ବ୍ୟବହାର କରିବାକୁ ଭଲ ଲାଗେ। ଯେମିତିକି ପିଜ୍ଜା ଥିମ୍‌ର ଏହି ପାୱାର ବ୍ୟାଙ୍କ। ତେବେ ଏହା ଏତେ ବାସ୍ତବ ଲାଗେ ଯେ, ଏହାକୁ କେହି ବି ପିଜ୍ଜା ସ୍ଲାଇସ୍ ଭାବି ପାଟିରେ ପୂରାଇ ପାରନ୍ତି। ତେଣୁ ସେଥିପ୍ରତି ଧ୍ୟାନ ଦେବା ଜରୁରୀ।






## ହାଃ ହାଃ

### ନେଟୱର୍କ

ପପୁ ଏକ ମୋବାଇଲ କମ୍ପାନୀକୁ ଇଣ୍ଟରଭ୍ୟୁ ଦେବା ପାଇଁ ଯାଇଥାଏ। ହେଲେ ପ୍ରଥମ ପ୍ରଶ୍ନ ପରେ ହିଁ ତାକୁ ବାହାର କରିଦିଆଗଲା।
ପ୍ରଶ୍ନ ଥିଲା: ସବୁଠୁ ଲୋକପ୍ରିୟ ନେଟୱର୍କ କୋଉଟା ?
ପପୁ: କାର୍ଟୁନ ନେଟୱର୍କ।

### କାହିଁକି ଆସିଛ

ରାତିସାରା ସ୍ୱାମୀ ବାହାରେ ରହି ସକାଳେ ଘରେ ପହଞ୍ଚିବା ପରେ...
ସ୍ତ୍ରୀ ରାଗିକି: ରାତିସାରା ଗାୟବ। ଏବେ ସକାଳ ଆସି ୭ଟା ବାଜିଲାଣି, କାହିଁକି ଆସିଲ ?
ସ୍ୱାମୀ ଧୀର ଗଳାରେ: ଆରେ ପାଗେଳୀ, ଜଳଖିଆ ଖାଇବାକୁ ଆସିଛି। ଏତିକି ଜାଣିପାରୁନ ?

### ଏକତା

ଶିକ୍ଷକ: ପିଲେ, 'ଏକତା ହିଁ ବଳ'ର ଗୋଟେ ଉଦାହରଣ ଦେଲ।
ମୁନା: ସାର୍, ପକେଟ୍‌ରେ ଗୋଟେ ବିଡ଼ି ଥିଲେ ମୋଡ଼ି ହେଇ ଭାଙ୍ଗିଯାଏ। ହେଲେ ପୂରା ବଣ୍ଡଲ ଥିଲେ ଜମାରୁ ଭାଙ୍ଗେନା।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧ **ମେକ୍‌ଅପ୍-ସଗୁନ୍ ମେକ୍‌ଓଭର୍**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।





# ହାଇଦ୍ରାବାଦ ଜଗନ୍ନାଥ ମନ୍ଦିର

**ପୁରୀ ଜଗନ୍ନାଥ ମନ୍ଦିର ଆଉ ପୁରୀ ରଥଯାତ୍ରାର ପ୍ରସିଦ୍ଧି ସମଗ୍ର ବିଶ୍ୱରେ କାହିଁରେ କେତେ ରହିଛି। ସେଥିପାଇଁ ତ ଜଗତରନାଥ ଶ୍ରୀଜଗନ୍ନାଥଙ୍କୁ ଟିକେ ଦର୍ଶନ କରିବାକୁ ଆଉ ତାଙ୍କ ଆଶିଷ ଲଭିବାକୁ ପ୍ରତିଦିନ ଦେଶବିଦେଶରୁ ଭକ୍ତଗଣ ପୁରୀ ବଡ଼ଦେଉଳକୁ ଧାଇଁ ଆସନ୍ତି। ତେବେ କେବଳ ପୁରୀ କାହିଁକି ପୁରୀ ସମେତ ଓଡ଼ିଶାର ଅନ୍ୟ କେତେକ ସ୍ଥାନରେ ଏପିରିକି ଓଡ଼ିଶା ବାହାରେ ବି କିଛି ଜାଗାରେ ପ୍ରଭୁ ଜଗନ୍ନାଥଙ୍କୁ ସମର୍ପିତ ଜଗନ୍ନାଥ ମନ୍ଦିର ଦେଖିବାକୁ ମିଳେ। ତନ୍ମଧ୍ୟରୁ ହାଇଦ୍ରାବାଦ୍ ଜଗନ୍ନାଥ ମନ୍ଦିର ଅନ୍ୟତମ...**

ଆଧୁନିକ ବାସ୍ତୁକଳାରେ ନିର୍ମିତ ହାଇଦ୍ରାବାଦ୍ସ୍ଥିତ ଜଗନ୍ନାଥ ମନ୍ଦିରଟି ତେଲେଙ୍ଗାନାର ଏକ ପ୍ରସିଦ୍ଧ ମନ୍ଦିର ଭାବେ ବେଶ୍ ଖ୍ୟାତି ଅର୍ଜନ କରିପାରିଛି। ହାଇଦ୍ରାବାଦ୍‌ର ବଞ୍ଜାରା ହିଲ୍ସ ନିକଟରେ ରହିଛି ମହାପ୍ରଭୁଙ୍କର ଏହି ଭବ୍ୟ ମନ୍ଦିରଟି। ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ଏହି ମନ୍ଦିରରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ପ୍ରଭୁ ଜଗନ୍ନାଥଙ୍କର ପ୍ରତୀମା ଥିବାର ଦେଖିବାକୁ ମିଳେ। ଏଥିସହିତ ମାତା ଲକ୍ଷ୍ମୀ, ମାତା ବିମଳା, ପ୍ରଭୁ ଶିବ, ଗଣେଶ, ହନୁମାନ ଓ ନବଗ୍ରହଙ୍କ ପାଇଁ ବି ଉକ୍ତ ମନ୍ଦିର ଭିତରେ ସ୍ୱତନ୍ତ୍ର ପୂଜାସ୍ଥଳୀର ବ୍ୟବସ୍ଥା ରହିଛି। ଏଠାରେ ବି ପ୍ରତିବର୍ଷ ବେଶ୍ ଧୂମ୍‌ଧାମ୍‌ରେ ରଥଯାତ୍ରା ପାଳନ କରାଯାଇଥାଏ ; ଯାହାକୁ ଦେଖିବାକୁ ବହୁ ଭକ୍ତଗଣ ଆସିଥାନ୍ତି।

## ମନ୍ଦିରର ଗଠନଶୈଳୀ

ସ୍ୟାଣ୍ଡଷ୍ଟୋନରେ ନିର୍ମିତ ହାଇଦ୍ରାବାଦ୍ ଜଗନ୍ନାଥ ମନ୍ଦିରର ନିର୍ମାଣ କାର୍ଯ୍ୟ ପାଇଁ ଓଡ଼ିଶାରୁ ପ୍ରାୟ ୬୦୦ ଟନ୍ ସ୍ୟାଣ୍ଡଷ୍ଟୋନ ଯାଇଥିବା ସୂଚନା ରହିଛି। ତା'ସହିତ ଏହି ମନ୍ଦିରର ନିର୍ମାଣ କାର୍ଯ୍ୟରେ ଶତାଧିକ ଶ୍ରମିକ ନିଯୁକ୍ତି ହୋଇଥିଲେ, ତନ୍ମଧ୍ୟରୁ ପ୍ରାୟ ୬୦ ଜଣ ପଥର କାରିଗରଙ୍କୁ କେବଳ ପଥର ଉପରେ ନିଖୁଣ କାରୁକାର୍ଯ୍ୟ କରିବା ପାଇଁ ନିଯୁକ୍ତି ଦିଆଯାଇଥିଲା। କଳିଙ୍ଗ କଲ୍‌ଚୁରାଲ୍ ଟ୍ରଷ୍ଟ ତଥା ହାଇଦ୍ରାବାଦ୍‌ରେ ରହୁଥିବା କିଛି ଓଡ଼ିଶାବାସୀଙ୍କ ମିଳିତ ସହାୟତାରେ ଶେଷରେ ୨୦୦୯ରେ ଏହି ମନ୍ଦିରଟିର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା ଆଉ ପରେ ପରେ ଭକ୍ତଙ୍କ ଦର୍ଶନ ନିମନ୍ତେ ମନ୍ଦିରର ଦ୍ୱାର ଖୋଲା ଯାଇଥିଲା। ତେବେ ଏହି ମନ୍ଦିରର ଗଠନ ଶୈଳୀ ପାଖାପାଖି ପୁରୀ ଜଗନ୍ନାଥ ମନ୍ଦିର ପରି ଦେଖାଯାଉଥିଲେ ହେଁ, ଉଭୟ ମନ୍ଦିରର ଆକାର ଓ ଉଚ୍ଚତା କିନ୍ତୁ ଭିନ୍ନ ରହିଛି। ତେବେ ହାଇଦ୍ରାବାଦ୍ ଜଗନ୍ନାଥ ମନ୍ଦିରର ଶିଖରଟିକୁ ବେଶ୍ ଆକର୍ଷଣୀୟ ଡିଜାଇନ୍‌ରେ ନିର୍ମାଣ କରାଯାଇଥିବାରୁ ଏହା ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିପାରୁଛି।

## ପୂଜାପର୍ବାଣୀ

ପ୍ରଭୁ ଜଗନ୍ନାଥଙ୍କର ବର୍ଷସାରା ଯାହାବି ରୀତିନୀତି ରହିଛି ସବୁକିଛି ଏହି ମନ୍ଦିରରେ ବି ବେଶ୍ ଭକ୍ତିର ସହକାରେ ପାଳନ କରାଯାଇଥାଏ। ଏପରିକି ପ୍ରତିବର୍ଷ ଏଠାରେ ରଥଯାତ୍ରା ବି ବେଶ୍ ଧୂମ୍‌ଧାମ୍‌ରେ ପାଳିତ ହୋଇଥାଏ ; ଯେଉଁଥିରେ କେବଳ ହାଇଦ୍ରାବାଦରେ ରହୁଥିବା ଓଡ଼ିଆମାନେ ନୁହଁ ଅନ୍ୟମାନେ ବି ଭକ୍ତିର ସହକାରେ ଏଥିରେ ସାମିଲ ହୋଇ ପ୍ରଭୁଙ୍କର ଏହି ଲୀଳାମୟ ଯାତ୍ରାର ଭରପୂର ଆନନ୍ଦ ଲଭିଥାନ୍ତି।

## କେବେ ଓ କେମିତି ଯିବେ


ବର୍ଷର ସବୁ ସମୟରେ ଏଠାକୁ ବୁଲି ଯାଇହେବ। ସେହିପରି ଏଠାକୁ ଯିବା ପାଇଁ ବସ୍, ଟ୍ରେନ୍, କାର୍ ସବୁକିଛିର ଭଲ ବ୍ୟବସ୍ଥା ରହିଛି।





# ନିରାପଦ ନୁହେଁ ଗଛ ଆଶ୍ରୟ





**ବୈ**ଜ୍ଞାନିକ ବେଞ୍ଜାମିନ ଫ୍ରାଙ୍କଲିନ୍ ସର୍ବପ୍ରଥମେ ୧୭୫୨ ମସିହାରେ ବଜ୍ରପାତର ସଠିକ କାରଣ କହିଥିଲେ । ସେ କାଇଟ୍ ଏକ୍ସପେରିମେଣ୍ଟ କରି ବିଜୁଳି ସହ ବିଦ୍ୟୁତ୍‌ର ସମ୍ପର୍କ ଜାଣିବାକୁ ଚାହିଁଥିଲେ । ବେଞ୍ଜାମିନଙ୍କ ଅନୁସାରେ ଆକାଶରେ ଭାସୁଥିବା ବାଦଲରେ ଛୋଟଛୋଟ ଜଳକଣିକା ଥାଏ, ଯାହା ବାୟୁ ସହ ଘର୍ଷଣ ହେବା ଯୋଗୁ ଅବଶୋଷିତ ହୋଇ ଯାଆନ୍ତି । ଫଳରେ କିଛି ବାଦଲରେ ପଜିଟିଭ ଚାର୍ଜ ସୃଷ୍ଟି ହୁଏ ତ ଆଉ କିଛି ବାଦଲରେ ନେଗେଟିଭ ଚାର୍ଜ ଉତ୍ପନ୍ନ ହୁଏ । ଯେତେବେଳେ ଉଭୟ ଚାର୍ଜର ବାଦଲ ପରସ୍ପର ପାଖାପାଖି ହୋଇ ଘର୍ଷଣ ହୁଏ ହଜାର ହଜାର ଭୋଲ୍ଟର ବିଜୁଳି ଉତ୍ପନ୍ନ ହୋଇଥାଏ । ଏହି ବିଜୁଳି ଯେତେବେଳେ ତୀବ୍ର ହୁଏ, ତାହା ପୃଥିବୀ ପର୍ଯ୍ୟନ୍ତ ପହଞ୍ଚିଯାଏ । ତାକୁ ହିଁ କୁହାଯାଏ ବଜ୍ରପାତ ହେବା ।

ବଜ୍ରପାତ ସାଧାରଣତଃ ପ୍ରାଣଘାତକ ହୋଇଥାଏ । ମାତ୍ର ୩୦ ମାଇକ୍ରୋସେକେଣ୍ଡ ପାଇଁ ହେଉଥିବା ଏହି ବଜ୍ରପାତର ଉତ୍ତାପ ସୂର୍ଯ୍ୟଙ୍କ ବାହ୍ୟସ୍ତରର ଉତ୍ତାପଠାରୁ ୫ଗୁଣ ଅଧିକ ହୋଇଥାଏ । ଗଛ ତଳେ ଠିଆ ହୋଇଥିବା, ଖୋଲା ଜମିରେ କାମ କରୁଥିବା ବ୍ୟକ୍ତିଙ୍କ ଉପରେ ବଜ୍ରପାତ ହେବାର ଆଶଙ୍କା ଅଧିକ ଥାଏ । ଏହାବାଦ ପୋଖରୀ ଅବା ନଦୀରେ ଗାଧୋଉଥିବା ବ୍ୟକ୍ତି ଏବଂ ମୋବାଇଲ ବ୍ୟବହାରକାରୀଙ୍କ ଉପରେ ବି ବଜ୍ରପାତ ହେବାର ଆଶଙ୍କା ଥାଏ । ବୈଜ୍ଞାନିକଙ୍କ ମତରେ ମୋବାଇଲରୁ ନିର୍ଗତ ହେଉଥିବା ଅତିବାଇଗଣୀ ରଶ୍ମି ବିଜୁଳିକୁ ନିଜ ଆଡ଼କୁ ଆକର୍ଷିତ କରାଏ ।

ସାଧାରଣତଃ ଦେଖାଯାଏ ବଜ୍ରପାତ ହେଲେ ଲୋକେ ଡରିଯାଇ ଗଛତଳକୁ ଚାଲି ଯାଆନ୍ତି ଆଶ୍ରୟ ନେବାକୁ । ହେଲେ ଗଛ ତଳେ ଆଶ୍ରୟ ନେବା ହିଁ ମୃତ୍ୟୁକୁ ଆମନ୍ତ୍ରଣ କରିବା ସହ ସମାନ । ଯେବେ ବଜ୍ରପାତ ହୁଏ ସେ ପୃଥିବୀ ପୃଷ୍ଠ ଆଡ଼କୁ ଆସିବା ଲାଗି ସବୁଠାରୁ ଉଚ୍ଚା ଜିନିଷକୁ ବାଛିଥାଏ । ଯାହା ମଧ୍ୟ ଦେଇ ବିଜୁଳି ଧରାପୃଷ୍ଠକୁ ଆସିପାରିବ । ତେଣୁ ବିଜୁଳି ଉଚ୍ଚା ବୈଦ୍ୟୁତିକ ଖମ୍ବ, ଉଚ୍ଚା ଗଛକୁ ବାଛିଥାଏ । ତେବେ ବିଜୁଳି ସର୍ବପ୍ରଥମେ ଗଛ ସଂସ୍ପର୍ଶରେ ଆସିଥାଏ ଓ ତାହା ମାଧ୍ୟମରେ ଭୂମି ପର୍ଯ୍ୟନ୍ତ ପହଞ୍ଚେ । ଆଉ ଏହି ବିଜୁଳି ସିଧାସଳଖ ଗଭୀର ଭୂମିକୁ ଯାଏ ନାହିଁ ବରଂ ଭୂମିର ଉପରି ଭାଗରେ ବ୍ୟାପିଯାଏ । ଯାହାକୁ ଗ୍ରାଉଣ୍ଡ କରେଣ୍ଟ କୁହାଯାଏ । ଫଳରେ ଗଛ ପାଖାପାଖି କିଛି ଅଞ୍ଚଳ ବିପଜ୍ଜନକ ହୋଇଯାଏ । ତେଣୁ ବର୍ଷା ଓ ବଜ୍ରପାତ ହେଉଥିବା ସମୟରେ ଗଛ ତଳେ ଠିଆ ନ ହେବାକୁ କୁହାଯାଏ । ଯଦି କୌଣସି ସ୍ଥାନରେ କେବଳ ଗୋଟିଏ କି ଦୁଇଟି ଗଛ ହିଁ ବଡ଼ ଓ ଉଚ୍ଚା, ତେବେ ସେ ଗଛ ତଳେ ଠିଆ ହେବା ବିପଜ୍ଜନକ ସାବ୍ୟସ୍ତ ହୋଇପାରେ । ତଥ୍ୟ କହେ ପ୍ରତିବର୍ଷ ପ୍ରାୟ ୨୦୦୦ ଲୋକ ବଜ୍ରପାତର ଶିକାର ହୁଅନ୍ତି ।



**ବର୍ଷା, ବଜ୍ରପାତ ହେଉଥିବା ସମୟରେ ଘର ବାହାରେ ଥିବା ମଣିଷଟିଏ ଖୋଜିଥାଏ ଆଶ୍ରା। ଯଦି କେଉଁଠୁ କିଛି ନିରାପଦ ଆଶ୍ରୟସ୍ଥଳ ନ ପାଏ, ସେ ଗଛତଳକୁ ଚାଲିଯାଏ। ହେଲେ ସେ ଜାଣି ନ ଥାଏ ଯେ, ବଜ୍ରପାତ ସମୟରେ ଗଛ ତଳକୁ ଯିବା, ବିପଦକୁ ବରଣ କରିବା ସହ ସମାନ। ତେବେ କେମିତି ଜାଣିବା ସେ ସମ୍ପର୍କରେ...**

# ରକେଟ୍ ପରି ଯାଉଛି ଠେଲାଗାଡ଼ି



**ହ୍ୱି**ଲବରୋ ହେଉଛି ଦୁଇଟି କିମ୍ବା ତିନୋଟି ଚକ ସହ ଦୁଇଟି ହାତଧରା ବାଡ଼ି ଥିବା ଛୋଟ ଠେଲା ଗାଡ଼ି। ଅଳିଆ ନେବାକୁ ଆସୁଥିବା ସଫେଇ କର୍ମଚାରୀ ଏଭଳି ଗାଡ଼ି ବ୍ୟବହାର କରୁଥିବା ଦେଖିଥିବେ। ଏହାକୁ ଦୁଇ ହାତରେ ଠେଲି ଠେଲି ଗଡାଇବାକୁ ହୁଏ । ଏହାର ଗତି ବହୁତ ମନ୍ଥର ହୋଇଥାଏ । ହେଲେ ଇଂଲଣ୍ଡର ଡାଏଲାନ ଫିଲିପ୍ସ, ଯେ କି ଜଣେ କାର ମେକାନିକ ତିଆରି କରିଛନ୍ତି ଏମିତି ଏକ ହ୍ୱିଲବରୋ, ଯାହା ଏତେ ଦ୍ରୁତବେଗରେ ଗତି କରେ ଯେ ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି। ଘଣ୍ଟା ପ୍ରତି ୮୪ କି.ମି.(୫୨ ମିଟର ପ୍ରତି ଘଣ୍ଟା) ବେଗରେ ଗତି କରିପାରେ ଏହି ହ୍ୱିଲବରୋ। ପ୍ରଥମେ ସେ ଏହାର ଏକ ଟ୍ରାଏଲ ଭର୍ସନ ତିଆରି କରିଥିଲେ ଯାହାକି ୩୭ ମିଟର ପ୍ରତି ଘଣ୍ଟା ଗତିକଲା । ଏହାପରେ ସେ ଜାଣିବାକୁ ପାଇଲେ ଯେ ଏକ ହ୍ୱିଲବରୋ ଘଣ୍ଟାପ୍ରତି ୪୬ ମିଟର ଗତି କରି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ତେଣୁ ଏହି ରେକର୍ଡ ଭାଙ୍ଗିବା ପାଇଁ ସେ ଚେଷ୍ଟା ଚଳାଇଲେ। ଶେଷରେ ସେ ସଫଳ ବି ହେଲେ। ଚଳିତ ବର୍ଷ ୟୋର୍କଶାୟରସ୍ଥ ଏଲଭିଙ୍ଗଟନ ଏୟାରଫିଲ୍ଡରେ ୫୨ ମିଟର ପ୍ରତି ଘଣ୍ଟା ବେଗରେ ନିଜେ ତିଆରି କରିଥିବା ହ୍ୱିଲବରୋକୁ ଚଳାଇ ପୂର୍ବରୁ ଥିବା ରେକର୍ଡକୁ ସେ ଭାଙ୍ଗିଲେ ।



# ପାଣି ଭିତରେ ଯାଦୁଖେଳ

ଯାଦୁଖେଳ କାହାକୁ ବା ଭଲ ନ ଲାଗେ। ଯେଉଁଠି ବି ଏହାର ଆୟୋଜନ ହୁଏ ବହୁ ସଂଖ୍ୟାରେ ଲୋକ ଯାଆନ୍ତି ଦେଖିବାକୁ। ତେବେ ଆମେରିକାର ଜଣେ ୧୩ ବର୍ଷୀୟା ଝିଅ ଏମିତି ଏକ ସ୍ଥାନରେ ଯାଦୁଖେଳ ଦେଖାଇଥିଲେ ଯାହାକୁ ଦେଖିବା ପାଇଁ ସମସ୍ତେ ଯାଇପାରିବେ ନାହିଁ। ଆଭେରୀ ଏମରସନ୍ ଫିଶର୍ ନାମ୍ନୀ ଏହି ଝିଅଟି ପାଣି ଭିତରେ ଯାଦୁ ଖେଳ ଦେଖାଇଛନ୍ତି। ସ୍କୁବା ଡାଇଭିଂ ପୋଷାକ ପରିଧାନ କରି



ସାନଫ୍ରାନ୍ସିସ୍କୋର ଏକ ବଡ଼ ଆକ୍ୱାରିୟମ ଭିତରେ ସେ ୩୮ଟି ଯାଦୁ ଦେଖାଇଥିଲେ। ଯଦିଓ ଏହି ଯାଦୁଖେଳର ଦର୍ଶକ କମ୍ ଥିଲେ ହେଲେ ଆଭେରୀ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ପାଣି ଭିତରେ ସବୁଠାରୁ ଅଧିକ ଯାଦୁଖେଳ ଦେଖାଇବାର ରେକର୍ଡ କରିପାରିଲେ। ଆଭେରୀଙ୍କର ସ୍କୁବା ଡାଇଭିଂରେ ୧୨ଟି ସାର୍ଟିଫିକେଟ୍ ଅଛି। ସେ ୩୦ରୁ ଅଧିକ ମହାସାଗର ଡାଇଭ୍ ବି କରିଛନ୍ତି।



ବ୍ୟାକ୍ ପେଜ୍



# ଶୁଆ ଚଳାଉଛି ସ୍କୁଟର

ଶୁଆ ମଣିଷଙ୍କ ପରି କଥା କହିପାରେ ବୋଲି ସମସ୍ତେ ଜାଣନ୍ତି। ହେଲେ ଜାଣନ୍ତି କି ଶୁଆ ମଣିଷ ପରି ସ୍କୁଟର ବି ଚଳାଇପାରେ! ବୁଲଗେରିଆର କଲୋୟାନ ୟଭାଶେବ ନାମକ ଜଣେ ବ୍ୟକ୍ତିଙ୍କର ଚିକୋ ନାମକ ଏକ ଶୁଆ ଅଛି। ଏହି ଶୁଆଟି ନିଜ ଡେଣାକୁ କିଛି ସମୟ ବିଶ୍ରାମ ଦେଇ ସ୍କୁଟର ଚଳାଇ ଗୋଟେ ସ୍ଥାନରୁ ଆଉ ଏକ ସ୍ଥାନକୁ ଯାଇଥାଏ। ତେବେ ଏହି ସ୍କୁଟର ମଣିଷର ସ୍କୁଟର ନୁହେଁ। ବରଂ ଶୁଆ ପାଇଁ ତିଆରି କରାଯାଇଥିବା ଏକ ସ୍ୱତନ୍ତ୍ର ପ୍ରକାରର ସ୍କୁଟର। ଚିକୋ କେବଳ ଯେ ଏହି ସ୍କୁଟର ଚଳାଏ ତାହା ନୁହେଁ ସେ ଏହାକୁ ନେଇ ରେକର୍ଡ ବି କରିଛି। ସେ ସ୍କୁଟର ଚଳାଇ ୧୬.୪ ଫୁଟ ବାଟକୁ ୧୭.୭୦ ସେକେଣ୍ଡରେ ଅତିକ୍ରମ କରି ରେକର୍ଡ କରିଛି। ଏହାର ମାତ୍ର ୫ ଦିନ ପରେ ସେ ନିଜର ଏହି ରେକର୍ଡକୁ ଆହୁରି କମ୍ ସମୟରେ ୧୪.୫୮ ସେକେଣ୍ଡରେ ପୂରା କରି ନୂଆ ରେକର୍ଡ ସୃଷ୍ଟି କଲା। ଚିକୋର ମାଲିକ କଲୋୟାନ ଜଣେ ପେସାଦାର



ଶୁଆ ବ୍ରିଡର ଓ ଟ୍ରେନର୍। ସେ ଚିକୋକୁ ମାତ୍ର ୩ ମାସର ହୋଇଥିବାବେଳେ ପାଇଥିଲେ। ଚିକୋର ନୂଆ ଟ୍ରିକ ଶିଖିବାରେ ଥିଲା ବହୁତ ଆଗ୍ରହ। ତେଣୁ ସେ ବିଭିନ୍ନ ଟ୍ରିକ୍‌କୁ ଖୁବ୍ ସହଜରେ ଶିଖିଯାଉଥିଲା। ତା'ସହ ସ୍କୁଟର ଚଳାଇବା ବି ବେଶ୍ ସହଜରେ ଶିଖିଯିବା ସହ ଏଥିରେ ଏତେ ଧୁରନ୍ଧର ହୋଇଗଲା ଯେ, ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲା।

# ସବୁଠୁ ବୟସ୍କ ୬ ଭଉଣୀ




ଗୋଟିଏ ମା'ର ସନ୍ତାନ ହୋଇଥିଲେ ହେଁ ପ୍ରତି ପିଲା ଅନ୍ୟ ପିଲାଠୁ ଭିନ୍ନ ହୋଇଥାଆନ୍ତି। ଆଚାର, ବ୍ୟବହାର ସହ ଆୟୁଷ ବି କାହାରି ସମାନ ହୋଇ ନ ଥାଏ। ହେଲେ ସବୁ ମା' କିନ୍ତୁ ଚାହାନ୍ତି ତା'ର ସବୁ ପିଲା ଦୀର୍ଘାୟୁ ଓ ସୁସ୍ଥ ଜୀବନଯାପନ କରନ୍ତୁ। ହେଲେ ଏହା କ'ଣ ସମ୍ଭବ ହୋଇପାରେ ? ଜାଣି ଆଶ୍ଚର୍ଯ୍ୟ ହେବେ ଆମେରିକାରେ ରହୁଥିବା ୬ ଭଉଣୀ ହେଉଛନ୍ତି ସବୁଠାରୁ ବୟସ୍କ। ଆଉ ସେମାନଙ୍କର ବୟସ ମିଶାଇଦେଲେ ୫୭୧ ବର୍ଷ ୨୧୩ ଦିନ ହୁଏ। ଏମାନେ ଜୀବନରେ ଅନେକ ଘଟଣା ଦେଖିଛନ୍ତି ଓ ଅନୁଭବ କରିଛନ୍ତି। ଯେଉଁଥିରେ ଦ୍ୱିତୀୟ ବିଶ୍ୱଯୁଦ୍ଧଠାରୁ ଆରମ୍ଭ କରି କୋଭିଡ ମହାମାରୀ ଆଦି ରହିଛି। ଗିନିଜ ୱାର୍ଲ୍ଡ ରେକର୍ଡ ଏହି ଛଅ ଭଉଣୀଙ୍କୁ ସବୁଠାରୁ ବୟସ୍କ ଭଉଣୀର ମାନ୍ୟତା ଦେବା ସହ ସେମାନଙ୍କ ବୟସର ସମଷ୍ଟିକୁ ସବୁଠାରୁ ଅଧିକ ସଂଯୁକ୍ତ ବୟସ ଥିବା ଜୀବନ୍ତ ଭଉଣୀର ମାନ୍ୟତା ଦେଇଛି। ଯାହାକି ୫୭୧ ବର୍ଷ ୨୧୩ ଦିନ ଅଟେ। ଭଉଣୀମାନଙ୍କ ବୟସ ୮୮ବର୍ଷରୁ ୧୦୨ ବର୍ଷ ପର୍ଯ୍ୟନ୍ତ। ସବୁଠୁ ବଡ଼ ଭଉଣୀ ନର୍ମା, ଓହିଓରେ ରୁହନ୍ତି। ଅନ୍ୟ ୫ ଭଉଣୀ ଲରେନ, ମାକ୍ସିକନ, ଡୋରିସ୍, ମାର୍ଗାରେଟ୍ ଓ ଏଲ୍‌ମା ମସୌରୀରେ ରୁହନ୍ତି। ଗତ ନଅ ଦଶକରେ ଏଇ ଭଉଣୀମାନେ ଗ୍ରେଟ୍ ଡିପ୍ରେସନ ଦେଖିଛନ୍ତି, ଦ୍ୱିତୀୟ ବିଶ୍ୱଯୁଦ୍ଧ ଦେଖିଛନ୍ତି ଓ କୋଭିଡ୍ ମହାମାରୀକୁ ଦେଖିଛନ୍ତି। ଭଉଣୀ ଏଲ୍‌ମା କୁହନ୍ତି, ଆମ ଭିତରେ ଛୋଟମୋଟ ଝଗଡ଼ା ହେଉଛି ସତ, ହେଲେ କେବେ ମନାନ୍ତର ହୋଇନି। ଆଜୀବନ ଆମେ ପାଖେପାଖେ ରହିଆସିଛୁ। ଏହି ୬ ଭଉଣୀଙ୍କର ଏକ ଭାଇ ବି ଥିଲା। ଯେ କି ବଡ଼ ଥିଲେ। ୮୧ ବର୍ଷ ବୟସରେ ଏକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଗଲା।